

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୧ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 11 MARCH 2025

Vol.No. 36 ■ No.67 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ବିଧାୟକଙ୍କ ହଟ୍ଟଗୋଳ: ବିଧାନସଭା ଅଚଳ



ଭୁବନେଶ୍ୱର, ୧୦/୩ (ନି.ପ୍ର): ବିଧାନସଭାରେ ବିରୋଧୀଙ୍କ ହଟ୍ଟଗୋଳ ଭିତରେ ୩ ଥର ମୁଲତବୀ ହୋଇଛି ଗୃହକାର୍ଯ୍ୟ । ବିରୋଧୀ ଦଳର ମହିଳା ନିର୍ଯାତନା, ଜୟନାରାୟଣଙ୍କ ବୟାନ ଓ ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଶାସକ ଦଳକୁ ଅକଳରେ ପକାଇଛି । ଯାହାକୁ କାଉଣ୍ଟର କରିବାକୁ ଯାଇ ପୂର୍ବ ସରକାରରେ ଓଡ଼ିଆ ଅସ୍ମିତା ବନ୍ଧା ପଡିଥିଲା ବୋଲି ମନେପକାଇ ଦେଇଛି ବିଜେପି । ଆଉ କହିଛି ଜୟନାରାୟଣଙ୍କ କଥା ସଭାପତି ବୁଝିବେ । ଶାସକ ଦଳକୁ ନାକେଦମ କଲେ ବିରୋଧୀ । ହୋହଲ୍ଲା ଓ ନାରାବାଜିରେ ୩ ଥର ଗୃହ ମୁଲତବି । କଂଗ୍ରେସ କହିଲା ରାଜ୍ୟରେ ଚାଲିଛି 'ରାବଣ ଶାସନ' । ବିଜେଡି ମାରିଲା ଜୟନାରାୟଣ ବାଣ । ପୁରୁଣା ପ୍ରସଙ୍ଗରେ ବିରୋଧୀଙ୍କୁ କାଉଣ୍ଟର କଲା ବିଜେପି । ଗୃହକାର୍ଯ୍ୟ ଆଜି କିଛି ଏମିତି ଢଙ୍ଗରେ ଆରମ୍ଭ ହୋଇଥିଲା । ମହିଳା ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ପ୍ରସଙ୍ଗ କରି ଗୃହରେ ହଟ୍ଟଗୋଳ କରିଥିଲା କଂଗ୍ରେସ । ହାତରେ ପୋଷ୍ଟର ଓ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗରେ ରାବଣ ଶାସନ ନାରାବାଜି କରିଥିଲେ କଂଗ୍ରେସ ସଦସ୍ୟ । ଚିରାଚରିତ ଢଙ୍ଗରେ ବାଚସ୍ପତିଙ୍କ ମାଇକ ଭାଙ୍ଗିବାକୁ ଉଦ୍ୟମ କରିଥିଲେ ତାରା । ଅନ୍ୟପଟେ ଶାସକଦଳକୁ ଘେରିବା ପାଇଁ ପ୍ରସଙ୍ଗ ବଦଳାଇଛି ବିଜେଡି । ମିଶନ ଶକ୍ତି ବଦଳରେ ଜୟନାରାୟଣଙ୍କ ବୟାନ ଓ ଓଡ଼ିଆ ଅସ୍ମିତାକୁ ଅସ୍ତ୍ର କରି ଶାସକ ବିଜେପିକୁ ଅସ୍ତବ୍ୟସ୍ତ କରିଛନ୍ତି ବିଜେଡି ସଦସ୍ୟ । ନାରାବାଜି ଓ ହଟ୍ଟଗୋଳ ଭିତରେ ଧୋଇଯାଇଛି ପ୍ରଶ୍ନକାଳ ଓ ଶୂନ୍ୟକାଳ । ହଟ୍ଟଗୋଳ ଓ ନାରାବାଜି ଭିତରେ ଗୃହକାର୍ଯ୍ୟକୁ ୩ ଥର ମୁଲତବୀ କରିଛନ୍ତି ବାଚସ୍ପତି । ଗୃହର ଅଚଳାବସ୍ଥା ପାଇଁ ବିରୋଧୀ ଦଳକୁ ଦାୟୀ କରିଛି ଶାସକ ଦଳ । ପୂର୍ବ ସରକାର ଓଡ଼ିଆ ଅସ୍ମିତାକୁ ବନ୍ଧା ପକାଇଥିଲେ । ଯାହାର ଜବାବ ଓଡ଼ିଶାବାସୀ ନିର୍ବାଚନରେ ଦେଲେ । ଅନ୍ୟପଟେ ଜୟନାରାୟଣଙ୍କ ବୟାନରୁ ନିଜକୁ ଦୂରେଇ ରଖିବା ସହ ସଭାପତି ବୁଝିବେ ବୋଲି କହି ଖସିଯିବାକୁ ଚେଷ୍ଟା କରିଛି ବିଜେପି । ବାରମ୍ବାର ମୁଲତବୀ ଭିତରେ ଗୃହକାର୍ଯ୍ୟକୁ ସ୍ୱାଭାବିକ କରିବାକୁ ସର୍ବଦଳୀୟ ବୈଠକକୁ ଭରସା କରିଛନ୍ତି ବାଚସ୍ପତି । କିନ୍ତୁ ପ୍ରଶ୍ନ ଉଠୁଛି, ଗୃହର ସୁପରିଚାଳନା ପାଇଁ ବିରୋଧୀଙ୍କ ଦାବିକୁ ମାନିବ ତ ଶାସକ ଦଳ ?

## ଓଡ଼ିଶାକୁ ନିରାପଦ ଆଶ୍ରୟସ୍ଥଳୀ ଭାବୁଛନ୍ତି ବାଂଲା ଅନୁପ୍ରବେଶକାରୀ



ଭୁବନେଶ୍ୱର, ୧୦/୩ (ନି.ପ୍ର): , ୧୦/୩ (ନି.ପ୍ର): ବଢୁଛି ବାଂଲାଦେଶୀ ଅନୁପ୍ରବେଶକାରୀ ଚିନ୍ତା। ରାଜ୍ୟର ଉପକୂଳ ଜିଲ୍ଲା ଏବଂ ପଶ୍ଚିମବଙ୍ଗ ରାସ୍ତା ଦେଇ ବହୁ ସଂଖ୍ୟାରେ ବାଂଲାଦେଶୀ ପଶିଆସୁଥିବା ବେଳେ ଗତକାଲି ଭୁବନେଶ୍ୱର ଷ୍ଟେସନରୁ ୧୦ ବାଂଲାଦେଶୀଙ୍କୁ ଧରିଥିଲା କ୍ରାଇମବ୍ରାଞ୍ଚ ଝଞ୍ଜର। ଏମାନଙ୍କୁ ସାଥିରେ ନେଇ ଯାଉଥିବା ଜଣେ ଏଜେଣ୍ଟଙ୍କୁ ବି ଧରି ଖୋଳତାଡ଼ କରୁଛି ଝଞ୍ଜର। ସେପଟେ ବାଂଲାଦେଶୀ ଓଡ଼ିଶାକୁ ଅନୁପ୍ରବେଶ ପରେ ଏଠି ବିଭିନ୍ନ ଅପରାଧରେ ସଂପୃକ୍ତି ରହୁଥିବାରୁ ସେମାନଙ୍କୁ ନିଜ ଦେଶକୁ ପଠାଇବା ପ୍ରସଙ୍ଗ ଆଜି ବିଧାନସଭାରେ ଉଠିଛି। ଓଡ଼ିଶାକୁ ନିରାପଦ ଆଶ୍ରୟସ୍ଥଳୀ ଭାବୁଛନ୍ତି କି ବାଂଲା ଅନୁପ୍ରବେଶକାରୀ ? ଭାୟା ଭୁବନେଶ୍ୱର ହୋଇ ବିଭିନ୍ନ ରାଜ୍ୟକୁ ଯାଉଛନ୍ତି କି ? ଗତକାଲି ଭୁବନେଶ୍ୱର ରେଲୱେ ଷ୍ଟେସନରୁ ୧୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ କ୍ରାଇମବ୍ରାଂଚ ଏସଟିଫ ହାତରେ ଧରାପଡ଼ିବା ପରେ ବଢୁଛି ଏଭଳି ଆଶଙ୍କା। ରାଜ୍ୟରେ ବାରମ୍ବାର ବାଂଲାଦେଶୀ ଅନୁପ୍ରବେଶ କରୁଥିବାର ଅଭିଯୋଗ ଭିତରେ ଗତକାଲି ଆସାମରୁ କିଛି ବାଂଲାଦେଶୀ ଟ୍ରେନରେ ବେଙ୍ଗାଲୁରୁ ଯାଉଥିବା ସୂଚନା ପାଇ ଷ୍ଟେସନରେ ଚଢାଉ କରିଥିଲା ଏସଟିଏଫ୍। ଆଉ ଧରାପଡ଼ିଥିଲେ ଜଣେ ନବାଳକ, ୩ ମହିଳାଙ୍କ ସମେତ ୧୦ ବାଂଲାଦେଶୀ। ଯେଉଁମାନଙ୍କ ପାଖରେ ଭାରତୀୟ ବୋଲି କୌଣସି ପ୍ରମାଣ ନଥିବା ବେଳେ ବାଂଲାଦେଶୀ ମୁଦ୍ରା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ପୋଲିସ। ସେପଟେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ବାଂଲାଦେଶରୁ ରୀତିମତ ଭାରତକୁ ଅନୁପ୍ରବେଶ କରାଉଥିବା ▶▶ପୃଷ୍ଠା ୭

## ବିଜୁଙ୍କ ଅସ୍ଥି ବିସର୍ଜନର ବିସ୍ମୟକର କାହାଣୀ କହିଲେ ବିଜୟ ମହାପାତ୍ର



ଭୁବନେଶ୍ୱର, ୧୦/୩ (ନି.ପ୍ର): ବିଜୁ ବାବୁଙ୍କ ଅସ୍ଥି ପୂଜା କରାଯାଉଥିଲା । ଯେଉଁ ଦିନ ସନ୍ଧ୍ୟା ଦୀପ ଦିଆ ଯାଇନଥାଏ, ସେଦିନ ରାତିରେ ଅସ୍ଥି କବାଟ ଧଡଧଡ କରେ ବୋଲି କହିଛନ୍ତି ବିଜୟ । କଥା କହିଲା ଭଳି ସବୁ ପ୍ରକାଶ କରିବ ବାହାରେ । ଏପରିକି ଦିନେ ଉତ୍ପାତ କଲା । କିଛି ନଥିବ କବାଟ ବାଡେଇ ହେବ । ହଠାତ୍ ଦୁଆର ଭିତରେ ପବନ ବହିବ । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଅସ୍ଥି ବିସର୍ଜନର ବିସ୍ମୟକର କାହାଣୀ କହିଛନ୍ତି ଏକଦା ତାଙ୍କର ଘନିଷ୍ଠ ସହଯୋଗୀ ଥିବା ବିଜୟ ମହାପାତ୍ର । ସେ କହିଛନ୍ତି, ଥିବ ଥିବ ଘରର କବାଟ ରାତିରେ ଧଡଧଡ ହେବ । କଥା କହିଲା ଭଳି ଲାଗିବ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଗୋଟିଏ ଅସ୍ଥି କଳସ ଥିଲା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ବାସଭବନରେ । ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ପ୍ରାୟ ୩/ ୪ ବର୍ଷ ଥିଲା ବିଜୁ ବାବୁଙ୍କ ଅସ୍ଥି । ଏହି ଅସ୍ଥି ପୂଜା କରାଯାଉଥିଲା । ଯେଉଁ ଦିନ ସନ୍ଧ୍ୟା ଦୀପ ଦିଆ ଯାଇନଥାଏ, ସେଦିନ ରାତିରେ ଅସ୍ଥି କବାଟ ଧଡଧଡ କରେ ବୋଲି କହିଛନ୍ତି ବିଜୟ । କଥା କହିଲା ଭଳି ସବୁ ପ୍ରକାଶ କରିବ ବାହାରେ । ▶▶ପୃଷ୍ଠା ୭

## ଲଳିତ ମୋଦୀଙ୍କ ନାଗରିକତା ରଦ୍ଦ କଲା ଭାନୁଆଟୁ

ନୂଆଦିଲ୍ଲୀ , ୧୦/୩ (ନି.ପ୍ର): ପଳାତକ ଭାରତୀୟ ବ୍ୟବସାୟୀ ଲଳିତ ମୋଦୀଙ୍କୁ ଦିଆଯାଇଥିବା ନାଗରିକତା ବାତିଲ କରିବାକୁ ଭାନୁଆଟୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ନୀତି ମାମଲାରେ ସେ ଭାରତରେ ୱାଣ୍ଟେଡ୍ ଅଛନ୍ତି। ପ୍ରଶାନ୍ତ ମହାସାଗରର ୮୦ରୁ ଅଧିକ ଦ୍ୱୀପକୁ ନେଇ ଗଠିତ ଦ୍ୱୀପରାଷ୍ଟ୍ର ଭାନୁଆଟୁର ନାଗରିକତ୍ୱ ଲଳିତ ମୋଦୀ ପାଇଛନ୍ତି ବୋଲି ଭାରତ ସରକାର ନିଶ୍ଚିତ କରିବାର ତିନି ଦିନ ପରେ ଏହି ନିର୍ଦ୍ଦେଶ ଆସିଛି। ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପୂର୍ବତନ ମୁଖ୍ୟ ମୋଦୀ ବିଶ୍ୱର ସବୁଠାରୁ ଧନୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଥିବା ବେଳେ ନିଲାମରେ ହେରଫେର କରିଥିବା ଅଭିଯୋଗ ହୋଇଛି। ▶▶ପୃଷ୍ଠା ୭

## ତୁଣ୍ଡରେ ଲଗାମ ଲଗାଅ: ଧର୍ମେନ୍ଦ୍ର ଓ ଷ୍ଟାଲିନ ମୁହାଁମୁହିଁ



ନୂଆଦିଲ୍ଲୀ, ୧୦/୩ (ନି.ପ୍ର): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବୟାନର ଜବାବ ଦେଇ ତାଙ୍କୁ 'ଅହଂକାରୀ' ବୋଲି କହିଛନ୍ତି। ପୂର୍ବରୁ, କେନ୍ଦ୍ରମନ୍ତ୍ରୀ ତାମିଲନାଡୁ ସରକାରଙ୍କୁ 'ବେଇମାନ' ବୋଲି କହିଥିଲେ। ଲୋକସଭାରେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପିଏମ୍ ସ୍କୁଲ ଫର ରାଇଜିଂ ଇଣ୍ଡିଆ ଯୋଜନା (ପିଏମ୍ ଶ୍ରୀ) ଉପରେ ତାମିଲନାଡୁ ସରକାରଙ୍କୁ ଟାର୍ଗେଟ କରିଥିଲେ ଏବଂ ରାଜ୍ୟ ସରକାରଙ୍କୁ 'ବେଇମାନ' ବୋଲି କହିଥିଲେ। ପ୍ରଧାନ କହିଥିଲେ ଯେ ଏମକେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ତାମିଲନାଡୁ ସରକାର ପିଲାମାନଙ୍କ ଭବିଷ୍ୟତ ସହିତ ଖେଳୁଛି। ଏହି ପ୍ରସଙ୍ଗରେ, ଏମକେ ଷ୍ଟାଲିନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ତାମିଲ ଭାଷାରେ ପୋଷ୍ଟ କରି ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅହଂକାରୀ ବୋଲି କହିଥିଲେ। ଷ୍ଟାଲିନ୍ ଲେଖିଛନ୍ତି, 'ସେ (ଧର୍ମେନ୍ଦ୍ର ପ୍ରଧାନ) ଜଣେ ଅହଂକାରୀ ରାଜା ପରି କଥା କହୁଥିଲେ ଏବଂ ଏହା କରି ସେ ତାମିଲନାଡୁର ଲୋକମାନଙ୍କୁ ଅପମାନିତ କରିଛନ୍ତି। ଜଣେ କେନ୍ଦ୍ରମନ୍ତ୍ରୀ ଭାବରେ ତାଙ୍କୁ ଶୃଙ୍ଖଳିତ ଭାବରେ ଆଚରଣ କରିବା ଉଚିତ।' ସେ ଆହୁରି ଲେଖିଛନ୍ତି, 'ସେ ନିଜକୁ ରାଜା ଭାବନ୍ତି ଏବଂ ଜଣେ ଅହଂକାରୀ ବ୍ୟକ୍ତି ପରି କଥା କୁହନ୍ତି, ତାଙ୍କୁ ନିଜ ତୁଣ୍ଡରେ ଲଗାମ ଲଗାଇବା ଉଚିତ।' ଲୋକସଭାରେ ପିଏମ ଶ୍ରୀ ଯୋଜନା ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତର ଦେଇ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, 'ଡିଏମକେ ନେତୃତ୍ୱାଧୀନ ତାମିଲନାଡୁ ସରକାର କେନ୍ଦ୍ର ପ୍ରାୟୋଜିତ ▶▶ପୃଷ୍ଠା ୭

## ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୦/୩ (ନି.ପ୍ର): କୋରାପୁଟ ଜିଲ୍ଲାର ସୁଙ୍କିରେ ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସପି) ବିକାଶ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଅନୁଷ୍ଠିତ ହେବା ସହିତ ନବୀକରଣୀୟ ଶକ୍ତି ପଦକ୍ଷେପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ତେଲେଙ୍ଗାନାର ସଙ୍ଗମମ୍ ପାୱାର ପ୍ରୋଜେକ୍ଟ କମ୍ପାନି ସହିତ ମିଳିତ ଭାବରେ ଏହି ପ୍ରକଳ୍ପ, ରିଭର୍ସ ଟର୍ବାଇନ୍ ବ୍ୟବହାର କରି ପିକ୍ ଆୱାରରେ ବିଦ୍ୟୁତ୍ ଉତ୍ପାଦନ କରିବାକୁ ପ୍ରସ୍ତୁତ। ଏହି ଭିତ୍ତିପ୍ରସ୍ତର ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସମ୍ପ୍ରତି ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା କନକ୍ଲେଭ ୨୦୨୫ରେ ସ୍ୱାକ୍ଷରିତ ହୋଇଥିଲା, ଯାହା ସବୁଜ ଶକ୍ତି ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା। ରାଜ୍ୟ ସାରା ପିଏସପି ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ୪୫ଟି ସମ୍ଭାବ୍ୟ ସ୍ଥାନ ମଧ୍ୟରୁ ୧୦ଟି ସରକାରୀସ୍ତରରେ ବିଭିନ୍ନ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ (ପିଏସୟୁ) ଦ୍ୱାରା କାର୍ଯ୍ୟକାରୀ କରାଯିବାର ▶▶ପୃଷ୍ଠା ୭

## ବାହାର ରାଜ୍ୟରୁ ଓଡ଼ିଶାକୁ ଆସୁଛି ନକଲି ମେଡ଼ିସିନ: ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱରଭୁବନେଶ୍ୱର, ୧୦/୩ (ନି.ପ୍ର): ମାର୍କେଟରେ ବୁଲୁଛି ପୁଳା ପୁଳା ନକଲି ମେଡ଼ିସିନ । ବାହାର ରାଜ୍ୟରୁ ଓଡ଼ିଶାକୁ ଆସୁଛି ନକଲି ମେଡ଼ିସିନ । ମାର୍କେଟରେ ଜିଙ୍କ୍ ସଲଫେଟ, ସୋଡିୟମ ଲାକଟେଟ, ହେପ୍ରେନ ସୋଡିୟମ ଇଂଜେକସନ ନିମ୍ନମାନର ବୋଲି ଧରାପଡ଼ିଛି । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କଲିକତା, ହାଇଦ୍ରାବାଦ ଏହି ସବୁ ସ୍ଥାନରୁ ଓଡିଶାକୁ ଆସୁଥିଲା ନକଲି ମେଡ଼ିସିନ । ତିନି ବର୍ଷରେ ୧୦୩ଟି ମେଡ଼ିସିନ ନିମ୍ନମାନର ଥିବା ଧରାପଡ଼ିଛି । ୪ ସପ୍ଲାୟରଙ୍କ ସମେତ ସେହି କମ୍ପାନୀକୁ କଳା ତାଲିକା ଭୁକ୍ତ କରାଯାଇଛି ।

## ମାର୍ଚ୍ଚ ଶେଷ ସୁଦ୍ଧା ନିଗମ ଓ ବୋର୍ଡ ଅଧ୍ୟକ୍ଷ ନିଯୁକ୍ତି: ସୁରେଶ ପୂଜାରୀ

ଭୁବନେଶ୍ୱର, ୧୦/୩ (ନି.ପ୍ର): ନିଗମ ଓ ବୋର୍ଡ ଅଧ୍ୟକ୍ଷ ନିଯୁକ୍ତି ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି । ଦଳ ସରକାରକୁ ଆସିଥିବାରୁ ଆଶାୟୀଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ । ନିଗମ, ବୋର୍ଡ ଅଧ୍ୟକ୍ଷ ନିଯୁକ୍ତି ନେଇ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି । ନିଖୁଣ ଭାବେ ସବୁ କାମ ସାରିବାକୁ ପ୍ରୟାସ ଚାଲିଥିବାରୁ ଟିକେ ବିଳମ୍ବ ହେଉଛି । ମାର୍ଚ୍ଚ ଶେଷ ସୁଦ୍ଧା ନିଗମ ଓ ବୋର୍ଡ ଅଧ୍ୟକ୍ଷ ନିଯୁକ୍ତି ସରିବା ନେଇ ଆଶା ରଖାଯାଇଛି ବୋଲି ସେ କହିଛନ୍ତି ।

## ଓଡ଼ିଶାରେ ପହଞ୍ଚିଲେ ପ୍ରିୟଙ୍କା ଚୋପ୍ରା



ଭୁବନେଶ୍ୱର, ୧୦/୩ (ନି.ପ୍ର): ବଲିଉଡ୍‌ର 'ଦେଶୀ ଗର୍ଲ' ପ୍ରିୟଙ୍କା ଚୋପ୍ରା ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ମା' ମଧୁ ଚୋପ୍ରା ନିକଟରେ କହିଥିଲେ ଯେ ପ୍ରିୟଙ୍କା ପ୍ରସିଦ୍ଧ ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଳିଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'SSMB 29' ର ଏକ ଅଂଶ। ଏହି ଖବର ପ୍ରଶଂସକଙ୍କ ଉତ୍ସାହକୁ ବଢାଇ ଦେଇଥିଲା। ବର୍ତ୍ତମାନ ପ୍ରିୟଙ୍କାଙ୍କୁ ଓଡ଼ିଶା ବିମାନବନ୍ଦରରେ ଦେଖିବାକୁ ମିଳିଛି। ସେ ଫିଲ୍ମର ସୁଟିଂ ପାଇଁ ପହଞ୍ଚିଛନ୍ତି। ଏହି ଚଳଚ୍ଚିତ୍ରଟି ତାଙ୍କ ପାଇଁ ସ୍ୱତନ୍ତ୍ର, କାରଣ ଏଥିରେ ସୁପରଷ୍ଟାର ମହେଶ ବାବୁ ଏବଂ ପୃଥ୍ୱୀରାଜ ସୁକୁମାରନଙ୍କ ଭଳି ବଡ ଷ୍ଟାର୍ ଅଛନ୍ତି। 'ବାହୁବଲୀ' ଫେମ୍ ରାଜାମୌଳିଙ୍କର ଏହି ଚଳଚ୍ଚିତ୍ର ଏହାର ଦମଦାର ଷ୍ଟାରକାଷ୍ଟ ଏବଂ ବିପୁଳ ବଜେଟ୍ କାରଣରୁ ଚର୍ଚ୍ଚାରେ ଅଛି। ଫିଲ୍ମର ଦ୍ୱିତୀୟ କାର୍ଯ୍ୟସୂଚୀ ବର୍ତ୍ତମାନ ଓଡିଶାରେ ଚାଲିଛି, ଯେଉଁଠାରେ ପୁରା ଟିମ୍ ସୁଟିଂରେ ବ୍ୟସ୍ତ ଅଛନ୍ତି। କିଛି ଦିନର ଲମ୍ବା ଗ୍ୟାପ୍ ପରେ ▶▶ପୃଷ୍ଠା ୭

## ସୁନା ଚୋରା ଚାଲାଣ ପରେ ନୂଆ ବିବାଦରେ ରାଣ୍ୟା



ନୂଆଦିଲ୍ଲୀ, ୧୦/୩ : ସୁନା ଚୋରା ଚାଲାଣ ମାମଲାରେ କନ୍ନଡ ଅଭିନେତ୍ରୀ ରାଣ୍ୟା ରାଓଙ୍କୁ ଗିରଫ କରାଯିବା ପରଠାରୁ ତାଙ୍କ ଜଡ଼ିତ ନୂଆନୂଆ ତଥ୍ୟ ସାମ୍ନାକୁ ଆସୁଛି। ନିକଟରେ ରାଣ୍ୟାଙ୍କ ସାମ୍ନାରେ ଏକ ନୂଆ ବିବାଦ ମୁଣ୍ଡ ଟେକିଛି। ଯାଞ୍ଚରୁ ଜଣାପଡ଼ିଛି ରାଣ୍ୟା ରାଓ କର୍ଣ୍ଣାଟକ ରାଜନୀତି ସହିତ ଜଡ଼ିତ ଅଛନ୍ତି। ରାଣ୍ୟା କମ୍ପାନି କିସରୋଦା ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ କର୍ଣ୍ଣାଟକ ସରକାର ଦ୍ୱାରା ୧୨ ଏକର ଜମି ଆଲର୍ଟ ହୋଇଛି। କର୍ଣ୍ଣାଟକ ଶିଳ୍ପ କ୍ଷେତ୍ର ବିକାଶ ବୋର୍ଡ ୨୦୨୩ ଜାନୁଆରି ୨ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବସବରାଜ ବୋମ୍ମଇଙ୍କ କାର୍ଯ୍ୟକାଳ ସମୟରେ କମ୍ପାନିର ନିର୍ଦ୍ଦେଶକ ହର୍ଷବର୍ଦ୍ଧିନୀ ରାମ୍ୟାଙ୍କ ନାମରେ ଜମି ଆଲର୍ଟ କରିଥିଲା। ଏହି ତଥ୍ୟ ସାମ୍ନାକୁ ଆସିବା ପରେ ପ୍ରଶ୍ନ ଉଠୁଛି କି ଜଣେ ଅଭିନେତ୍ରୀଙ୍କ କମ୍ପାନି ଏତେ ବଡ଼ ପରିମାଣର ସରକାରୀ ଜମି ଆବଣ୍ଟନ କେମିତି ହାସଲ କରି ପାରିଲେ। ▶▶ପୃଷ୍ଠା ୭

## ଖୋଲୁଛି ତାଲା: ଇଓଡବ୍ଲ୍ୟୁ ପାଉଛି ଗୋଟିଏ ପରେ ଗୋଟିଏ ତଥ୍ୟ



ଭୁବନେଶ୍ୱର, ୧୦/୩ (ନି.ପ୍ର): ଇଓଡବ୍ଲ୍ୟୁ ନଜରରେ ରାଜାର କଳା ସାମ୍ରାଜ୍ୟ । ଗୋଟିଏ ପରେ ଗୋଟିଏ ଘରର ଖୋଲୁଛି ତାଲା । ତନାଘନା କରୁଛନ୍ତି ରଡ଼ଡ ଟିମ୍ । ବାରୁଛନ୍ତି ପୁଳାପୁଳା କଳା ଟଙ୍କାରର ଗନ୍ଧ । ଲଗାତର ୩ ଦିନରେ ବି ଇଓଡବ୍ଲ୍ୟୁ ରାଜା ଚକ୍ରର ସାମ୍ରାଜ୍ୟରେ ଛାପା ମାରିଛି । ବହୁ ଚର୍ଚ୍ଚିତ ଶୁଆକାଟୀ ଗନ୍ଧମାର୍ଦ୍ଦନ ଲୋଡିଙ୍ଗ ଏଜେନ୍ସିରେ ଟଙ୍କା ହେରଫେର ଘଟଣାକୁ ନେଇ ବିଜେଡି ନେତା ରାଜା ଚକ୍ରଙ୍କ ଅଫିସରେ ରବିବାର ଦିନ ରଡ଼ଡ ଚଢାଉ କରିଛି । ଦୁଇଟି ଟିମ ରାଜାଙ୍କ ଶିଶୁ ଭବନ ସ୍ଥିତ ଅଫିସ ଘରେ ଚଢାଉ କରିଥିବାବେଳେ, ଅଫିସ ଆଗରେ ଘର ମାଲିକଙ୍କୁ ଡାକି ମୁଖ୍ୟ ଫାଟକ ଚାବି ଖୋଲି ଭିତରେ ପଶିଛି । ଆଉ ଯେଉଁ ରୁମ ଗୁଡ଼ିକରେ ତାଲା ପଡ଼ିଥିଲା ସେସବୁକୁ ଭାଙ୍ଗି ଯାଞ୍ଚ କରିଛି । ଶନିବାର ଦିନ ବି ଗୋଟିଏ ଟିମ ରାଜାଙ୍କର ଜଗନ୍ନାଥପୁର ସ୍ଥିତ ଘରେ ଚଢାଉ କରିଥିଲା । ଏହି ଚଢାଉ ବେଳେ ରଡ଼ଡ ବହୁ ତଥ୍ୟ ପାଇଥିବା ସୂଚନା ମିଳିଛି । ଆଉ ବିଜେଡି ନେତା ବବି ଦାସ ଓ ପାଣ୍ଡିଆନଙ୍କ ଯୋଗୁଁ ରାଜା ଚକ୍ର ପାୱାରଫୁଲ ଥିଲା ବୋଲି କୁହାଯାଉଛି । ୨୦୧୪ ମସିହାରେ ବଦ୍ରିଙ୍କ ବିରୁଦ୍ଧରେ ପ୍ରମୁଖ ଦାବିଦାର ହିସାବରେ ଠିଆ ହୋଇଥିଲେ ରାଜା। କେନ୍ଦୁଝରରେ ସବୁ ବିଭାଗର ନିର୍ମାଣ କାମର ଠିକାଦାରୀ କାମ କିଏ ନେବ ରାଜା ଓ ତାର ସିଣ୍ଡିକେଟ ନିଷ୍ପତ୍ତି ନେଉଥିଲେ । ଆଉ ଏବେ ସେହି ରାଜା ରଡ଼ଡ ପଞ୍ଝାରେ ପଡ଼ିଛି । ଘଟଣାକୁ ନେଇ ବିଜେପି ରାଜ୍ୟସଭା ସାଂସଦ ମମତା ମହାନ୍ତ ପ୍ରତିକ୍ରିୟା ରଖିବା ପରେ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ମଧ୍ୟ ଜବାବ ରଖିଛନ୍ତି । ଗୌତମ କହିଛନ୍ତି, ତଦନ୍ତ ଚାଲିଛି, ତଦନ୍ତରେ ଯିଏ ଦୋଷୀ ହେବ ସରକାର ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ।

## ତୁଳସୀ କ୍ଷେତ୍ରରେ ଫଗୁ ଦଶମୀ ଦୋଳ ନୀତି ଅନୁଷ୍ଠିତ

କେନ୍ଦ୍ରାପଡ଼ା,୧୦/୩ (ନି.ପ୍ର): ତୁଳସୀ କ୍ଷେତ୍ରରେ ଫଗୁ ଦଶମୀ ଦୋଳ ନୀତି ପାଳନ କରାଯାଇଛି। ସନ୍ଧ୍ୟା ଆଳତି ପରେ ମହାପ୍ରଭୁଙ୍କ ବିଜେ ପ୍ରତିମା ଗୋବିନ୍ଦ ଜୀଉ ବିମାନରେ ଯାତ୍ରା କରି ସାରଙ୍ଗ ଗ୍ରାମକୁ ଯାଇ ଫଗୁ ଦଶମୀ ଉତ୍ସବରେ ସାମିଲ ହୋଇଥାନ୍ତି ନୀତି କାର୍ଯ୍ୟ ସାରି ମନ୍ଦିର ବିଜେ କରିଥାନ୍ତି ରାତ୍ର ଧୂପ ସମ୍ପନ୍ନ ପରେ ଶ୍ରୀ ଜୀଉ ଶୁକ୍ଳ ବସ୍ତ୍ର ପରି ଧାନ କରି ଅଭିର ରଙ୍ଗ ଲାଗି କରାଯାଇଥିଲା। ପରେ ଚଣା ଖଜା ଭୋଗ କରାଯାଇଥିଲା ପରେ ସମସ୍ତ ପାର୍ଶ୍ୱଦେବ ଦେବୀଙ୍କୁ ଲାଗି କରାଯାଇଥିଲା ଆଜିଠୁ ମହାପ୍ରଭୁ ଶୀତ ବସ୍ତ୍ର ସମ୍ପୂର୍ଣ୍ଣ ପରି ତ୍ୟାଗ କରି ଥାଆନ୍ତି ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ନୀତି କରାଯିବ ପାପନାସିନି ଏକା ଦଶିରେ ପାଞ୍ଜି ପଢା ଚକଡ଼ା ହୋଲି ଗୋବିନ୍ଦ ଦ୍ୱାଦଶୀରେ ଚକଡ଼ା ହୋଲି ତ୍ରୟ ଦଶୀ ଚତୁର୍ଦ୍ଦଶୀରେ ଗୋପାଳ ଗୋଠ ବିଜେ ମେଳଣ ପଡ଼ିଆରେ ଭୋଗ ଲାଗି ମେଣ୍ଢା ଗୁହାଳ ପୋଡ଼ି ନୀତି ସାରି ଦୋଳ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ କୃଷ୍ଣ ବଳରାମ ବେଶ ଦୋଳ ମଣ୍ଡପ ବିଜେ ପାଞ୍ଜି ପଢା ଗୋପାଳ ଙ୍କ କାଠି ଲହୁଡ଼ି ଖେଳରେ ସାମିଲ ହୋଇସାରି ରାତ୍ରରେ ମନ୍ଦିର ବାହୁଡ଼ିବାର କାର୍ଯ୍ୟ ରହିଛି ।

## ଇପିଏଫ ପେନସନର୍ସ ଆସୋସିଏସନ୍ ମାର୍ଚ୍ଚ ୧୮ରେ ପିଏଫ୍ କମିଶନର ଅଫିସ୍ ଘେରିବ

ଜୟପୁର,୧୦/୩ (ନି.ପ୍ର): କୋରାପୁଟ ଜିଲ୍ଲା ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟି ବୈଠକ ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଇ ପି ଏଫ୍ ପାଣ୍ଠିକୁ ଚାକିରି ଜୀବନରେ ଜମା ଟଙ୍କା ପୈଠ କରୁଥିବା ପେନସନ ଭୋଗୀ ମାନଙ୍କୁ ମାସିକ ସର୍ବନିମ୍ନ ପେନସନ ୯୦୦୦/ ଟଙ୍କା ସହ ମହଙ୍ଗା ଭତା ଯୋଡିବା ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପାଇଁ ଦାବି କରି ସାରା ଦେଶରେ ଆନ୍ଦୋଳନ ଚାଲିଛି। ଦିଲ୍ଲୀ ର ଯନ୍ତର ମନ୍ତର ଠାରେ ଧାରଣା ଜାରି ରହିଛି। ସମସ୍ତେ ଆଶା କରୁଥିଲେ କେନ୍ଦ୍ର ସରକାରଙ୍କ ବଜେଟ୍ ରେ ଏହା ଉପରେ ନିଷ୍ପତି ନିଆଯିବ । କିନ୍ତୁ ମୋଦୀ ସରକାର ନିରାଶ କରିଛନ୍ତି। ସରକାରଙ୍କୁ ବାଧ କରିବା ଏବଂ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆଗାମୀ ମାର୍ଚ୍ଚ ୧୮ ତାରିଖ ଦିନ ଦେଶ ବ୍ୟାପୀ ସମସ୍ତ ପି ଏଫ୍ କମିଶନର ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ରୁ ମଧ ସଂଘ ର ସଦସ୍ୟମାନେ ଯୋଗଦେବେ । ଜିଲ୍ଲା ସ୍ତରରେ ସଂଗଠନ କୁ ମଜବୁତ୍ ପାଇଁ କାର୍ଯ୍ୟକ୍ରମ ନିଆଯାଇଛି। ଆଜି ର ବୈଠକରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ବସନ୍ତ ବେହେରା, ସର୍ବେଶ୍ୱର ପଣ୍ଡା, ଭାସ୍କର ମିଶ୍ର, ପି. ଗୌରୀ ଶଙ୍କର ରାଓ, ଜି. ପ୍ରସାଦ ରାଓ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ମହିଳାଙ୍କ ପ୍ରତି ବଢୁଥିବା ନିର୍ଯ୍ୟାତନା ଓ ଶୋଷଣ ବିରୁଦ୍ଧରେ କଂଗ୍ରେସର ସ୍ୱର ଉତ୍ତୋଳନ ପ୍ରସ୍ତୁତି

ସମ୍ବଲପୁର ,୧୦/୩ (ନି.ପ୍ର): ବିଗତ କିଛି ବର୍ଷଧରି ରାଜ୍ୟରେ ମହିଳା ମାନଙ୍କ ସୁରକ୍ଷା ବିପଦଜନକ ସ୍ଥିତିରେ ରହିଛି । ଗୋଟିକ ପରେ ଗୋଟିଏ ମହିଳା ହିଂସା ବଢୁଛି। ବର୍ତମାନର ଡବଲ ଇଞ୍ଜିନ ସରକାର ବିକାଶର ବଡ଼ବଡ଼ ସ୍ଲୋଗାନ ଦେଉଥିବା ବେଳେ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ୮ ମାସର ଶାସନକାଳ ଲଜ୍ଜାରେ ଭରି ରହିଛି । ବେଟି ବଚାଓ, ବେଟି ପଢ଼ାଓ ପ୍ରହସନ ସାଜି ରାଜ୍ୟରେ ୨ଟି ଛାତ୍ରୀ ପ୍ରସୂତି କରି ମାଁ ହେବା ଘଟଣା ଓଡିଶା ଜାତିକୁ ତଳକୁ ଠେଲି ନେଇଛି । ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଭଳି ମହିଳା ହିଂସାକୁ ନେଇ ପ୍ରଦେଶ କଂଗ୍ରେସ ଆସନ୍ତା ୧୦ ରେ ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସମ୍ବଲପୁର ଜିଲ୍ଲା କଂଗ୍ରେସ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛି। ୧୦ ତାରିଖ ସୋମବାର ଦିନ ଜିଲ୍ଲାପାଳ ଅଫିସ ଘେରାଉ କରିବାକୁ ଆୟୋଜିତ ସମ୍ମିଳନୀରେ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ସମ୍ବଲପୁର, ରାଉରକେଲା, ବଲାଙ୍ଗୀରର ଖଇରାପାଲି, କୋରାପୁଟରର ଲକ୍ଷ୍ମୀପୁର, ଦେଓଗଡ଼ ଓ ବରଗଡ଼ରେ ଧନୁଯାତ୍ରା ସମୟରେ ମହିଳାମାନଙ୍କ ପ୍ରତି ଘଟି ଯାଇଥିବା ଗଣବଳାତ୍କାର ଘଟଣା ସହିତ ମାଲକାନଗିରି ଓ ସୋରରେ ଛାତ୍ରୀମାନେ କୁଆଁରୀ ମାଁ ହେବା ସମ୍ପ୍ରତି ପ୍ରଶାସନିକ ବ୍ୟବସ୍ଥାକୁ ଲଜ୍ଜିତ କରାଇଛି । ଏହା ବିରୋଧରେ ତୀବ୍ର ସ୍ୱର ଉତୋଳନ କରିବ ବୋଲି କହିଛି ସମ୍ବଲପୁର ଜିଲ୍ଲା କଂଗ୍ରେସ । ଆଜି କଂଗ୍ରେସ ଭବନ ଠାରେ ଜିଲ୍ଲା ସଭାପତି ଜୟ ଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତା ଆଡଭୋକେଟ ଶୁରେଶ୍ୱର ମିଶ୍ର, ଦୁର୍ଗା ପାଢ଼ୀ, କେଦାର ବେରିହା, ଦିଲ୍ଲୀପ ଧୂରୁଆ ପ୍ରମୁଖ ମହିଳା ହିଂସାର ପ୍ରତିବାଦ କରି ସମ୍ବଲପୁରରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା, ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟ ପଶ୍ଚିମ ଓଡ଼ିଶାରେ ପ୍ରତିଷ୍ଠା ଭଳି ବହୁ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗିରିଜା ନାଏକ, ରବି ରାଉତ, ମହିଳା ଜିଲ୍ଲା କଂଗ୍ରେସ ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ସେବାଦଳ ମୁଖ୍ୟ ବିନୋଦିନୀ ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ପର୍ଯ୍ୟବେକ୍ଷକ ହବିବ ହୁସେନଙ୍କ ଉପସ୍ଥିତିରେ ଆସନ୍ତା କାଲି ଜିଲ୍ଲା କଂଗ୍ରେସ ଲେଢେଇକୁ ଜୋରଦାର କରିବ ବୋଲି କହିଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ କେତେକ ପ୍ରମୁଖ ଘଟଣାବଳିକୁ ନଜରକୁ ଆଣି ବାଲେଶ୍ୱର ଅଂଚଳରେ ଧର୍ଷଣ ଓ ହତ୍ୟା, ଜଳେଶ୍ୱରରେ ୬୫ ବର୍ଷ ମହିଳାଙ୍କୁ ଧର୍ଷଣ ଓ ହତ୍ୟା ଉଦ୍ୟମ, ଢେଙ୍କାନାଳ ଜିଲାରେ ବିବାହିତା ମହିଳାଙ୍କୁ ୭ ଜଣ ପୁରୁଷଙ୍କ ଗଣଧର୍ଷଣ, ବଲାଙ୍ଗିର ଜିଲାରେ ୩୫ ବର୍ଷ ମହିଳାଙ୍କୁ ଗଣଧର୍ଷଣ, ବରଗଡ ଧନୁଯାତ୍ରା ସମୟରେ ଆଦିବାସ ଯୁବତୀଙ୍କୁ ସଙ୍କଟାପନ ଅବସ୍ଥାରେ ଉଦ୍ଧାର, ଅନଗୁଳ ଜିଲା ପାଲାଲହଡା ଅଂଚଳରେ ମହିଳାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା, ଲକ୍ଷ୍ମୀପୁରରେ ନାବାଳିକାକୁ ଗଣଦୁଷ୍କର୍ମ, ରାଉରକେଲାରେ ୪ ଜଣ ଦୁଷ୍କର୍ମକାରୀ ଜଣେ ମହିଳାଙ୍କୁ ଦୀର୍ଘ ଦିନ ଧରି ଦୁଷ୍କର୍ମ କରିବା ଓ ମହିଳା ଜଣ ଅବସ୍ଥାରେ ଉଦ୍ଧାର ହେବା ଘଟଣା, ମୟୂରଭଞ୍ଜ ଜିଲା ରାଷ୍ଟ୍ରପତିଙ୍କ ନିଜ ଗ୍ରାମରେ ନାବାଳିକାକୁ ଗଣଦୁଷ୍କର୍ମ, ଯାଜପୁର ଜିଲା ମାଟ୍ରିକ ପରୀକ୍ଷାର୍ଥୀନୀ କନ୍ୟାଶ୍ରମରେ ଗର୍ଭବତୀ, କେନ୍ଦୁଝର ଜିଲା ଚମ୍ପୁଆରେ ଷଷ୍ଠ ଶ୍ରେଣୀର ଛାତ୍ରୀ ଗର୍ଭବତୀ ଘଟଣା ସାରା ରାଜ୍ୟକୁ ବ୍ୟଥିତ କରିଥିବା କହି ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଓ ନ୍ୟାୟ ଦେବାପାଇଁ ଗଣତାନ୍ତ୍ରିକ ଉପାୟରେ କଂଗ୍ରେସ ତାର ଆନ୍ଦୋଳନକୁ ଅଧିକ ତୀବ୍ରତର କରିବ ବୋଲି ନିଷ୍ପତି ନେଇ ରୁକ୍ଷ ଭାବେ ଚେତାବନୀ ଦେଇଛି। ୨୦୨୩ରେ ରାଜ୍ୟରେ ୨୮୨୬, ୨୦୨୪ ରେ ୩୦୫୪ ବଳାତ୍କାର ମାମଲା ରୁଜୁ ହୋଇଥିବା ବିଧାନସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି । ଅନେକ ନାରୀ ହତ୍ୟା ମାମଲା ସହ ନାବାଳିକା ଦୁଷ୍କର୍ମ, ଯୌତୁକ ନିର୍ଯ୍ୟାତନା, ଯୁବତୀ ଚାଲାଣ, କନ୍ୟାଭ୍ରୂଣ ହତ୍ୟା ଭଳି ମହିଳାଙ୍କ ପ୍ରତି ଅପରାଧରେ ଓଡ଼ିଶା ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଥିବା କହି ତୁରନ୍ତ ଏହାକୁ ବନ୍ଦ କରିବାକୁ ଦାବି କରିଛନ୍ତି।

## ଚାରି ବାଲି ବୋଝେଇ ହାଇୱା ଜବତ: ୨ମାମଲା ରୁଜୁ, ୨ ଚାଳକ ଅଦାଲତ ଚାଲାଣ

କୋରେଇ,୧୦/୩ (ନି.ପ୍ର): ପ୍ରତିଦିନ ପାଣିକୋଇଲି ଥାନା ଅନ୍ତର୍ଗତ ବୈତରଣୀ ଓ ବୁଢା ନଦୀ ଘାଟରୁ ଶହ ଶହ ଟ୍ରିପ ବାଲି ଜିଲ୍ଲା ତଥା ରାଜ୍ୟ ବାହାରକୁ ଚୋରା ଚାଲାଣ ହେଉଛି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ତେବେ ପାଣିକୋଇଲି ଥାନା ଅନ୍ତର୍ଗତ ବୁଢା ନଦୀ ଘାଟରୁ ଚୋରା ବାଲି ଚାଲାଣ କରୁଥିବା ବେଳେ ଚାରି ବାଲି ବୋଝେଇ ହାଇୱାକୁ ପାଣିକୋଇଲି ପୁଲିସ ଜବତ କରିବାରେ ସକ୍ଷମ ହୋଇଛି। ଏଥି ସହିତ ଥାନାରେ ମାମଲା ରୁଜୁ ହେବା ସହିତ ଦୁଇ ହାଇୱାକୁ ଜବତ କରାଯାଇଅଛି। ପ୍ରକାଶଯେ ପାଣିକୋଇଲି ପୁଲିସ ସଂଧ୍ୟା କାଳୀନ ପେଟ୍ରୋଲିଂ କରୁଥିବା ବେଳେ ରୁଡିଆ ନିକଟରେ ଦୁଇ ଓ ସକାଳୁ ଦୁଇଟି ବାଲି ବୋଝେଇ ହାଇୱା (ଓଡ଼ି୨୨ କେ୫୯୩୮. ଓଆର୦୨ ବିପି୭୬୨୩, ଓଡ଼ି୨୨କ୍ୟୁ ୪୨୭୩ ଏବଂ ଓଡ଼ି ୨୨ଏସ୮୩୧୨) ସଠିପୁର ଆଡ଼କୁ ଆସୁଥିବା ବେଳେ ପୁଲିସ ତାଙ୍କୁ ଅଟକାଇ ବାଲି ଚାଲାଣ ସମ୍ବନ୍ଧୀୟ କାଗଜ ପତ୍ର ମାଗିଥିଲା। ମାତ୍ର ହାଇୱାର ଚାଳକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୁଲିସ ଉଭୟ ହାଇୱାକୁ ଥାନାକୁ ନେଇଆସିଥିଲା। ଏ ନେଇ ଥାନାରେ ଏକ ମାମଲା ୫୦/୨୫ ଓ ୫୧/୨୫ ମାମଲା ରୁଜୁ କରାଯିବା ସହିତ ହାଇୱାର ଚାଳକମାନଙ୍କୁ ଥାନାକୁ ଅଣାଯାଇଥିଲା । ହାଇସ୍ୱା ଚାଳକ କଟକ ଜିଲ୍ଲା ନରସିଂପୁର ଥାନା ମନ୍ଦାଠୋଲା ଗ୍ରାମର ପ୍ରଭାତ କୁମାର ସାହୁଙ୍କ ପୁଅ ବିଭୂତି କୁମାର ସାହୁ (୩୦) ଓ ଭଦ୍ରକ ଜିଲ୍ଲା ଭଦ୍ରକ ଗ୍ରାମଂଚଳ ଥାନା ରାଣୀତାଲ ତଗିରା ଗ୍ରାମର ଚନ୍ଦ୍ରମଣି ବଳଙ୍କ ପୁଅ ରାଜେନ୍ଦ୍ର ବଳ(୩୪) ଆଜି ଅଦାଲତ ଚାଲାଣ କରାଯାଇଥିବା ଥାନାଧିକାରୀ ରଂଜିତ କୁମାର ମହାନ୍ତିଙ୍କ ସୂତ୍ରରୁ ପ୍ରକାଶ ।

## ବିଶ୍ୱ ମହିଳା ଦିବସ ପାଳିତ

ସମ୍ବଲପୁର,୧୦/୩ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଫାଶିମାଲ ପଞ୍ଚାୟତର ତିଲେଇମାଲ ଗ୍ରାମରେ 'ଲୋକ ସଂଗଠନ ମହିଳା ଜନ ସଂଘର୍ଷ ସମିତି' ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ବ୍ଲକ ସଂଗଠନ ସଂଯୋଜକ ଦଶରଥ ସିଂ ଅତିଥି ପରିଚୟ ପ୍ରଦାନ ପୂର୍ବକ ସଭା ପରିଚାଳନା କରିଥିଲେ । ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ କେନାଢିପା ସରପଂଚ ସଞ୍ଜୟ ଧାରୁଆ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ବାଗ, ଶ୍ରୀବତ୍ସ ମୁଣ୍ଡା, ଗଣେଶ ମୁଣ୍ଡା, ସନ୍ତୋଷ ମୁଣ୍ଡା ଓ ସୁଶାନ୍ତ ମୁଣ୍ଡା ଯୋଗଦେଇ ମୁଣ୍ଡା ସମ୍ପ୍ରଦାୟର ମହିଳାଙ୍କ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ ଜୀବିକା ର ଉନ୍ନତି ଓ ସାମଗ୍ରିକ ମହିଳାଙ୍କ ବିକାଶ ହେଲେ ସମାଜ ତଥା ଦେଶର ବିକାଶ ହୋଇପାରିବ ବୋଲି ମତ ଦେଇଥିଲେ । ଜିଲ୍ଲା ସଂଯୋଜକ ପରଦେଶୀ ମିର୍ଦ୍ଧା ସଂଗଠନ ଦ୍ୱାରା ମହିଳା ସମସ୍ୟା ଉପରେ କାର୍ଯ୍ୟ କରୁଥିବା ବିଷୟ ଆଲୋଚନା କରିଥିଲେ । ଶେଷରେ ସୁବାସ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ଉମେଶ ମୁଣ୍ଡାଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା ।

## ଆଇଆଇଟି ଜଟଣୀ କ୍ୟାମ୍ପସ ଭିତରକୁ ପଶିଲା ଦନ୍ତା ହାତୀ

ଖୋର୍ଦ୍ଧା,୧୦/୩ (ନି.ପ୍ର): ଭୁବନେଶ୍ୱର ଆଇଆଇଟି ଜଟଣୀ କ୍ୟାମ୍ପସ ଭିତରକୁ ପଶିଲା ଦନ୍ତା ହାତୀ। ହାତୀ ଘଉଡ଼େଇବାକୁ ନାକେଦମ ହେଲା ବନ ବିଭାଗ। ଶନିବାର ବିଳମ୍ବିତ ରାତିରେ ପୋଡପଡା ଗ୍ରାମ ପାଖ ଦେଇ ଏକ ଦନ୍ତା ହାତୀ ଆଇଆଇଟି କ୍ୟାମ୍ପସର ପାଚେରୀ ଭାଙ୍ଗି ଭିତରକୁ ପଶିଥିଲା। ଖବର ପାଇ ସ୍ଥାନୀୟ ଲୋକେ ହାତୀ କୁ ଘଉଡ଼େଇବାକୁ ଚେଷ୍ଟା କରିଥିଲେ। ଖବର ପାଇ ବନ ବିଭାଗ ଘଟଣା ସ୍ଥଳରେ ପହଂଚି ହାତୀର ଗତିବିଧି ଉପରେ ନଜର ରଖିଥିଲା।

## ପଶ୍ଚିମାଂଚଳ ନାରୀ ଶକ୍ତି ତରଫରୁ ବିଶ୍ୱ ମହିଳା ଦିବସ ପାଳିତ

ସମ୍ବଲପୁର,୧୦/୩ (ନି.ପ୍ର): ପଶ୍ଚିମାଂଚଳ ଏକତାମଂଚ ନାରୀଶକ୍ତି ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କମିଟି ମହିଳା ସଂଯୋଜିକା ପଙ୍କଜିନୀ ମେହେର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ନ୍ୟାୟିକ ପରାମର୍ଶଦାତା ବାଣୀ ମହାପାତ୍ର, ସାମାଜିକ କର୍ମୀ ମୀନା ନାଏକ, ବିୟୁଟିସିଆନ୍ ଅନୁସୟା ବିଶ୍ୱାସ ଏବଂ ସାମଗ୍ରୀ ସାଜସଜ୍ଜା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ଦେବଶ୍ରୀ ପୋଥାଳଙ୍କୁ ନାରୀଶକ୍ତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସମ୍ବଲପୁରୀ କବୟିତ୍ରୀ ସୁପ୍ରିୟା ଦାସ,କଳ୍ପନା ମହାପାତ୍ର ଏବଂ ସିଦ୍ଧି ସ୍ୱରୂପା ମିଶ୍ର ସମ୍ବଲପୁରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ନାରୀ ଶକ୍ତି ର ସହ ସଂଯୋଜିକା ଝୁନୁ ତ୍ରିପାଠୀ ମଂଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ପଙ୍କଜିନୀ ବୈଠାରୁଙ୍କ ନିର୍ଦ୍ଦେଶନାରେ ଶିଶୁମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ।

## ସାହିତ୍ୟ: ଯୁଦ୍ଧକାଳୀନ ପୃଥିବୀ ପାଇଁ ଏକ ଆଶ୍ୱାସନା

ଜୟପୁର,୧୦/୩ (ନି.ପ୍ର): ଜୟପୁର ସ୍ଥିତ ଲେକ ପ୍ଲେସିଡ ପରିସରରେ ନିର୍ବାଣ ସାହିତ୍ୟ ପରିଷଦର ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ନିର୍ବାଣର ଉପଦେଷ୍ଟା ପ୍ରକାଶ କୁମାର ନାୟକ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ପ୍ରାରମ୍ଭରେ କାହ୍ନୁ ଗୁରୁଜୀଙ୍କ ଶିଷ୍ୟା ମାନେ ଓଡିଶି ନୃତ୍ୟ ପରିବେଶଣ କରିଥିଲେ। ସଭାପତି ସୁରେନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଯୁଦ୍ଧକାଳୀନ ପୃଥୀବିରେ ସାହିତ୍ୟ ର ଭୂମିକା ଉପରେ ଆଲଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରେମାନନ୍ଦ ଦାଶ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପ୍ରକାଶ ଚନ୍ଦ୍ର ଦାଶ, ଅଶୋକ କୁମାର ପଟ୍ଟନାୟକ ଯୋଗ ଦେଇ ସାହିତ୍ୟ ଦ୍ୱାରା ବିଶ୍ୱରୁ ଯୁଦ୍ଧୋ ସନ୍ତ୍ରାଶ ଦୂର କରାଯାଇ ପାରିବ ବୋଲି କହିଥିଲେ। ମନୋଜ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଚନ୍ଦ୍ରକାନ୍ତ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉଦୟ ଶଙ୍କର ଜାନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କବିତା ପାଠୋତ୍ସବରେ ସମ୍ମାନିତ ଅତିଥି ଭାବେ ଆକାଶବାଣୀ କଣ୍ଠଶିଳ୍ପୀ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ କବିତା ଗୁଡିକୁ ସମ୍ବଯୋଜନା କରିଥିଲେଁ ଅଶୋକ ମହାରଣା, ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଏବମ୍ବ ଭାଗ୍ୟଲକ୍ଷ୍ମୀ ପାଣିଗ୍ରାହୀ ଏହି ଅଧିବେଶନରେ ନିଜସ୍ୱ କବିତାପାଠ କରିଥିଲେ। ଏହି ଉତ୍ସବରେ କୋରାପୁଟ ଜିଲ୍ଲାରୁ ବହୁ ସାରସ୍ୱତ ସାଧକ ସାଧିକା ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧରେ ସୁବାଶ ଚନ୍ଦ୍ର ମିଶ୍ର, ଜଳନ୍ଧର ସ୍ୱାଇଁ, ସୁରେଶ ଦାସ, ରବି ଶତପଥି, ନିରଞ୍ଜନ ପାଣିଗ୍ରାହୀ, ସାଇମନ ବିଡିକ, ପ୍ରଦୀପ କୁମାର ସାହୁ ଓ ଅଶୋକ କୁମାର ମହାନ୍ତି।

## ଆଦର୍ଶ ଶିକ୍ଷକ ନିତ୍ୟାନନ୍ଦ ବିଶ୍ୱାଳଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା,୧୦/୩ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ପଳସିଂହା ଗ୍ରାମର ଗଣକବି ଗୋପାଳ ଦାଶ ସ୍ମୃତି ସଂସଦ ଆନୁକୂଲ୍ୟରେ ଆଦର୍ଶ ଶିକ୍ଷକ ନିତ୍ୟାନନ୍ଦ ବିଶ୍ୱାଳଙ୍କ ଏକ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି କେଶବ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଆଦର୍ଶ ଶିକ୍ଷକ ତଥା ଗଣକବି ଗୋପାଳ ଦାଶ ସ୍ମୃତି ସଂସଦର ଆଜୀବନ ସଭାପତି ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିବା ସହ ଆମ ଅଂଚଳର ଜଣେ ନିଷ୍ଠାପର, ନିର୍ଭିକ, କର୍ତବ୍ୟନିଷ୍ଠ ଓ ଆଦର୍ଶ ଶିକ୍ଷକଙ୍କୁ ହରାଇଲା ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ତାଙ୍କ ସ୍ମୃତିରେ ଏକ ସ୍ମରଣିକା ପ୍ରକାଶ କରିବାକୁ ଆୟୋଜକମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ସ୍ଥାନୀୟ ସରପଂଚ ଦେବେନ୍ଦ୍ର ପରିଡ଼ା ମୁଖ୍ୟଅତିଥି, ମନ୍ମଥନାଥ ବରାଳ ମୁଖ୍ୟବକ୍ତା, ଯୁବନେତା ଅଜିତ କୁମାର ମହାପାତ୍ର, ଅମର ପ୍ରସାଦ ରାଉତ, ଶିକ୍ଷାବିତ ସୁଶାନ୍ତ କୁମାର ପାଣି, ରବୀନ୍ଦ୍ରନାଥ ମିଶ୍ର, ପଦ୍ମନାଭ ଦାଶ, ଚତୁର୍ଭୁଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିସହ ତାଙ୍କଦ୍ୱାରା ସ୍ୱତନ୍ତ୍ର ପଳସିଂହା ଗ୍ରାମପଂଚାୟତ ଗଠନ, ଶିକ୍ଷା ବିକାଶ ନିମନ୍ତେ ମଧଇଂରାଜୀ ଓ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା, ପଶୁଚିକିତ୍ସାଳୟ ଓ ହୋମିଓପାଥି ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା, ବିଲୁପ୍ତ ପ୍ରାୟ ଗୋପାଳ ଦାଶଙ୍କ ଗୀତିନାଟ୍ୟକୁ ପୁର୍ନଜିବିତ କରି ଗଣକବି ଗୋପାଳ ଦାଶ ସ୍ମୃତି ସଂସଦ ଗଠନ ଓ ଗୀତିନାଟ୍ୟ ପରିବେଷଣ ଏବଂ ଗୋପାଳ ଦାଶ ଗ୍ରନ୍ଥାବଳୀ ପ୍ରକାଶନ ଭଳି ବହୁ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ସ୍ୱର୍ଗତ ବିଶ୍ୱାଳ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ୍ୱର ଦାଶ, ପୁତ୍ର ମନୋଜ କୁମାର ବିଶ୍ୱାଳ, ପ୍ରହ୍ଲାଦ ରାଉତ, ଅଞ୍ଜନ କୁମାର ପୁହାଣ, ଭରତ ଚନ୍ଦ୍ର ମଲିକ, ଦୋଳଗୋବିନ୍ଦ ବେହେରା, ଲମ୍ବୋଦର ରାଉତ, କାଙ୍ଗାଳି ସାହୁ ଓ ପଣନାତି କାହ୍ନୁ ପ୍ରମୁଖ ଶତାଧିକ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୦/୩ (ନି.ପ୍ର): ସମ୍ବଲପୁର ଭତରା ସ୍ଥିତ ଶଙ୍କର ମଠ ପରିସରରେ କାହ୍ନୁରାମ ଶର୍ମାଙ୍କ ଆବାହକତ୍ୱରେ ଧନୁପାଲି ଉପନଗର ଅଂଚଳର ଆଗାମୀ ହନୁମାନ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ରାମଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ପ୍ରଦୀପ ବହିଦାର, ସମ୍ମାନିତ ଅତିଥି ଭାବେ ଗୋବିନ୍ଦ ଅଗ୍ରୱାଲ, ବିପିନ ଭାଟିଆ, ରାଜୀବ ସତପଥି, ସମୀର ରଞ୍ଜନ ବାବୁ, ଜୟବ୍ରତ ଦେ ପ୍ରମୁଖ ଯୋଗ ଦେଇଥିଲେ। ଆହୁତ ବୈଠକରେ ଧନୁପାଲି, ଗୋବିନ୍ଦତୋଲା, ଭାତ୍ରା, ପୁଟିବନ୍ଧ, ପିଲା କନ୍ଦେଇ ପଡ଼ା, ଗାନ୍ଧୀ ମନ୍ଦିର ପଡ଼ା ଓ ଶଙ୍କର ମଠ ଅଂଚଳର ଶତାଧିକ ସନାତନୀ ରାମ ଭକ୍ତ ଯୋଗ ଦେଇଥିଲେ। ବୈଠକର ପ୍ରାରମ୍ଭରେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଏହି କମିଟିରେ ସଭାପତି ଭାବେ ଜୟକୃଷ୍ଣ ସ୍ୱାଇଁ, ଉପସଭାପତି ଭାବେ ଟୁନା ପାଢ଼ୀ, ସୁରଜ୍ ଗୁରୁ, ଧନଞ୍ଜୟ କୁମ୍ଭାର, ଡାକ୍ତର ନାୟକ, ପଦ୍ମଲୋଚନ ପାଢୀ, ସାଧାରଣ ସମ୍ପାଦକ ଭାବେ କାହ୍ନୁ ରାମ ଶର୍ମା, ଯୁଗ୍ମ ସମ୍ପାଦକ ଭାବେ ପ୍ରତୀକ ମହାପାତ୍ର, ମନୋରଞ୍ଜନ ପତି, ଆକାଶ ପଣ୍ଡା, କୋଷାଧକ୍ଷ ଭାବେ ଶଶାଙ୍କ ପାଢ଼ୀ ଓ ରାମ ନାୟକ ଭାବେ ସର୍ବସମ୍ମତି ରେ ଚୟନ କରା ଯାଇଥିଲା। ଏହି ବୈଠକ ରେ ମୁଖ୍ୟ ସଂଯୋଜକ ଭାବେ ଦେବାଶିଷ ପୁରୋହିତ, ମହିଳା ସଂଯୋଜିକା ଭାବେ ସୁଜାତା ଗୁରୁ ଓ ରଶ୍ମିତା ଆଚାର୍ଯ୍ୟଙ୍କୁ ଦାୟିତ୍ୱ ଦିଆ ଯାଇଛି ।

## ଯୁବ ଶିଳ୍ପପତି ଅଜିତ ବିହାରୀଙ୍କୁ ସମ୍ବର୍ଦ୍ଧନା

ଭୁବନ,୧୦/୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଅଂଚଳର ଜଣାଶୁଣା ଯୁବ ଶିଳ୍ପପତି ଭାରତ ଷ୍ଟିଲ ଇଣ୍ଡଷ୍ଟ୍ରିଜ ପାର୍ଟନର ଅଜିତ୍ କୁମାର ବିହାରୀ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ମତ୍ସ୍ୟ,ପଶୁ ସମ୍ପଦ ଓ କ୍ଷୁଦ୍ର, ମଧ୍ୟମ ଶିଳ୍ପ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ରବିବାର ଢେଙ୍କାନାଳ ଜିଲ୍ଲା ବିଜେପି ତରଫରୁ ଜିଲ୍ଲା ବିଜେପି ସଭାପତି ରାସ ବିହାରୀ ବେହେରା ଯୁବ ଶିଳ୍ପପତି ଶ୍ରୀଯୁକ୍ତ ବିହାରୀ ଙ୍କୁ ପୁଷ୍ପଗୁଚ୍ଛ , ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ସଙ୍କଟମୋଚନ ଯଜ୍ଞ ପୂର୍ଣ୍ଣାହୂତି: ସହସ୍ରାଧିକ ଭକ୍ତଙ୍କ ସମାଗମ

କୋରେଇ,୧୦/୩ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗିରିସାହି ଠାରେ ସଙ୍କଟ ମୋଚନ ମହାରାଜଙ୍କ ଜନ୍ମୋତ୍ସବ ଉପଲକ୍ଷେ ୩ ଦିନ ଧରି କଳସ ଯାତ୍ରା ପରେ ଗୀତା ଯଜ୍ଞ, ନାମ ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଛି । ଏହି ପୂର୍ଣ୍ଣାହୂତିରେ ସହସ୍ରାଧିକ ଭକ୍ତ ଓ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା । କୋରେଇ ବିଧାୟକ ଆକାଶ ଦାସନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭକ୍ତ ଓ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ପୂଜକ ଭାବେ ପରମାନନ୍ଦ ଶତପଥି, ରଘୁନାଥ ପାଢୀ, ରାଧାକାନ୍ତ ଶତପଥି ପ୍ରମୁଖ ଯଜ୍ଞକାର୍ଯ୍ୟ ଆରମ୍ଭ କରିଥିବା ବେଳେ କର୍ତାଭାବେ ଦେବଦଦ ସେନାପତି, ରଂଜନ ଗିରି, ଅଶୋକ ସେନାପତି ପ୍ରମୁଖ ସସ୍ତ୍ରୀକ କାର୍ଯ୍ୟଭାର ତୁଲାଇଥିଲେ । ଏହି ଉପଲକ୍ଷେ ସନ୍ଧ୍ୟାରେ ଭକ୍ତ ମାନଙ୍କ ପ୍ରବଳ ଭିଡ ଦେଖି ପ୍ରତିଦିନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଶେଷ ଦବିସରେ ଛୋଟ କଳାକାରଙ୍କ ଦ୍ୱାରା ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । କୋରେଇ ବିଧାୟକ ଅଶୋକ କୁମାର ବଳ, ବିଜେପି ନେତା ବିଶ୍ୱଜିତ ନାୟକ, ସମାଜସେବୀ ଶରତ ଚନ୍ଦ୍ର ଦାଶ ପ୍ରମୁଖ ଙ୍କ ସମତେ ବହୁ ରାଜନେତା, ଜନ ପ୍ରତିନିଧି, ବୁଦ୍ଧିଜିବୀ ଓ ସମାଜସେବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଗ୍ରାମାବସୀ ମାନେ ଯଜ୍ଞ କୁଣ୍ଡରେ ସମୂହ ନଡିଆ ଆହୂତି ପ୍ରଦାନ କରିବା ସହ ସମୂହ ପ୍ରସାଦ ସେବନ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ସମସ୍ତ ସଦସ୍ୟ ଗ୍ରାମର ଯୁବକ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସର୍ଡା ଗ୍ରାମରେ ନେଟୱର୍କ ସମସ୍ୟା: ୨ରୁ ୩ କି.ମି. ଘଂଚ ଜଙ୍ଗଲ ଭିତରକୁ ଯାଇ ଚାଲିଛି ଅନଲାଇନ ପାଠପଢା ସହ ଅନଲାଇନ କାର୍ଯ୍ୟ

ସମ୍ବଲପୁର,୧୦/୩ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସଦର ମହକୁମାରୁ ମାତ୍ର ୮ କିଲୋମିଟର ଦୂରରେ ବଡ଼ରମା ଅଭୟାରଣ୍ୟ ଜଙ୍ଗଲ ପାହାଡ଼ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସର୍ଡା ଗ୍ରାମପଂଚାୟତ। ଏହି ପଂଚାୟତ ବର୍ତମାନ ଦୀର୍ଘ ଦିନ ଧରି ଇଂଟରନେଟ ସେବାରୁ ବିଚ୍ଛିନ୍ନ ରହିଆସିଛି। ଏପରିକି ଗ୍ରାମରେ ବି.ଏସ.ଏନ.ଏଲ. ନେଟୱର୍କ ଥିଲେ ମଧ ଅନେକ ସମୟରେ ନେଟୱର୍କ ଫେଲ ରହିଥାଏ, ଏପରିକି ନେଟୱର୍କ ଥିଲେ ମଧ ଗ୍ରାମରେ ଇଂଟରନେଟ ସେବା ମିଳିନଥାଏ ଯାହା ଫଳରେ ଅଂଚଳବାସୀ ଜଙ୍ଗଲରେ ପାହାଡ଼ ଉପରେ ଥିବା ଏକ ପଥର ପାଖରେ ରହି ଇଂଟରନେଟ ସେବା ବ୍ୟବହାର କରିଥାନ୍ତି। ବର୍ତମାନର ଏହି ୫ଜି ଦୁନିଆରେ ମଧ ସର୍ଡ଼ା ଗ୍ରାମବାସୀ ଇଂଟରନେଟ ଓ ଭଲ ନେଟୱର୍କରୁ ବଂଚିତ ଅଛନ୍ତି। ଗୋଟିଏ ପଟେ ଭାରତ ବିକାଶରେ ମାଇଲଖୁଂଟ ବୃଦ୍ଧି କରୁଥିବା ବେଳେ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତର ଏକମାତ୍ର ଆଦର୍ଶ ଗ୍ରାମକୁ ସରକାର ଆଜି ପର୍ଯ୍ୟନ୍ତ ନେଟୱର୍କ ଯୋଗାଇ ପାରିନାହାନ୍ତି। ସମ୍ବଲପୁର ଜିଲ୍ଲାର ପ୍ରଥମ ତଥା ଏକ ମାତ୍ର ଆଦର୍ଶ ଗ୍ରାମ ଥିବାବେଳେ ତତକାଳୀନ ଜିଲ୍ଲାପାଳ ବଲ୍ୱନ୍ତ ସିଂ ଙ୍କ ତତ୍ତ୍ୱାବଧାନରେ ଏହି ଗ୍ରାମଟି ସରକାରଙ୍କ ନଜରକୁ ଆସିଥିଲା ଓ ଏହି ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ତତ୍କାଳୀନ ସାଂସଦ ନଗେନ୍ଦ୍ର ପ୍ରଧାନ ଗ୍ରହଣ କରିଥିଲେ। ସର୍ଡ଼ କ୍ଷ, ତିଳେଇମାଲ, ପଥୁରିଆ, ପୋଡ଼ାଡିହି, ସାଲୋହି ଗ୍ରାମକୁ ନେଇ ଏହି ପଂଚାୟତ ଥିବାବେଳେ ସଦର ପଂଚାୟତ ସର୍ଡ଼ା ସହିତ ଅନ୍ୟ ଗ୍ରାମ ଆଜି ପର୍ଯ୍ୟନ୍ତ ଇଂଟରନେଟ ଓ ଭଲ ନେଟୱର୍କରୁ ବଂଚିତ ରହିଛି। ଗ୍ରାମର ଜଣେ କଲେଜ ଛାତ୍ରଙ୍କ କହିବା ଅନୁଯାଇ, ବିଭିନ୍ନ ସମୟରେ କଲେଜ ପକ୍ଷରୁ ସିଲାବସ ଗୁଡିକ ୱାଟଶ ଅପ ମାଧମରେ ପ୍ରଦାନ କରିଥାନ୍ତି କିନ୍ତୁ ଗ୍ରାମରେ ଇଂଟରନେଟ ନ ଥିବାରୁ ଆମକୁ ଦୁଇ କିଲୋମିଟର ପାହାଡ଼ ଉପରକୁ ଯାଇ ସିଲାବସ ଡାଉନ ଲୋଡ଼ କରି ପାଠ ପଢିବାକୁ ପଡ଼ିଥାଏ ଏପରିକି ବେଳେ ବେଳେ ସେଠାରେ ରହି ଅନଲାଇନରେ ପାଠ ମଧ ପଢିଥାଉ। ସେହିପରି ଗ୍ରାମପଂଚାୟତ ସରପଂଚ ଗୀତା ବାଘ କହନ୍ତି ଯେ, ଗ୍ରାମରେ ଇଂଟରନେଟ ନ ଥିବାରୁ ପ୍ରଶାସନିକ ସ୍ତରରେ ହେଉଥିବା ବିଭିନ୍ନ ବୈଠକ ସମ୍ପର୍କରେ ମଧ ଜଣା ପଡ଼ିନ ଥାଏ, ଏପରିକି କିଛି ଦିନ ପୂର୍ବରୁ ଜମନକିରାରେ ହୋଇଥିବା ସମିତି ବୈଠକ ସମ୍ପର୍କରେ ନ ଜାଣିପାରିବାରୁ ଏଥିରେ ଯୋଗ ଦେଇ ପାରିନଥିଲି।

ସେହିପରି ଗ୍ରାମର ଅଙ୍ଗନବାଡି କର୍ମୀଙ୍କ କହିବା ଅନୁଯାଇ, ଆମକୁ ପ୍ରତିଦିନ ଦୁଇ କିଲୋମିଟର ପାହାଡ଼ ଉପରକୁ ଯାଇ ଗର୍ଭବତୀ ମହିଳାଙ୍କ ରିପୋର୍ଟ ଏବଂ ସରକାରଙ୍କ ପକ୍ଷରୁ ମଗା ଯାଇଥିବା ଅନ୍ୟ ରିପୋର୍ଟ ଦେବାକୁ ଯିବାକୁ ପଡିଥାଏ। ଏପରିକି କେତେବେଳେ ରିପୋର୍ଟ ପଠାଉଥିବା ସମୟରେ ଆମେ ହାତୀର ସମ୍ମୁଖୀନ ମଧ ହୋଇଥାଉ। ସେହିପରି ଗ୍ରାମର ୱାର୍ଡ ସଭ୍ୟ ଦିନବନ୍ଧୁ ଡନସେନାଙ୍କ କହିବା ଅନୁଯାଇ ଆମ ଗାଁ ରେ ନେଟୱର୍କ ନ ଥିବାରୁ ଗାଁ ରେ ଅସୁସ୍ଥ ହେଉଥିବା ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବାକୁ ବହୁତ କଷ୍ଟ ଭୋଗିବାକୁ ପଡିଥାଏ ଏପରିକି ନେଟୱର୍କ ନ ଥିବାରୁ ଆମେ ୧୦୮ କୁ ଯୋଗାଯୋଗ କରିପାରିନଥାଉ ଯାହା ଫଳରେ ଆମକୁ ଖର୍ଚ୍ଚାନ୍ତ ରେ ପଡ଼ିବାକୁ ପଡିଥାଏ। ଦିନେ ସାଂସଦ ଆଦର୍ଶ ଗ୍ରାମ ମାନ୍ୟତା ପାଇଥିବା ଏହି ଗ୍ରାମରେ ବର୍ତମାନ ପର୍ଯ୍ୟନ୍ତ ଭଲ ନେଟୱର୍କ ଏବଂ ଇଂଟରନେଟ ନ ଥିବାରୁ ଗ୍ରାମକୁ ପ୍ରଦାନ କରାଯାଇଥିବା ବ୍ୟାଙ୍କିଙ୍ଗ ସେବା ସହ ଅନ୍ୟ ସେବା ଠପ୍ ପଡିଯାଇଛି, ଏଣୁ ସର୍ଡ଼ା ଗ୍ରାମବାସୀ ସମ୍ବଲପୁର ଜିଲ୍ଲାପାଳଙ୍କୁ ସର୍ଡ଼ା ଗ୍ରାମ ପରିଦର୍ଶନ କରି ଗ୍ରାମର ସମସ୍ୟାର ସମାଧାନ ସରକାରଙ୍କୁ ଜଣାଇ ଏହାର ପ୍ରତିକାର ପ୍ରତି ଧ୍ୟାନ ଦେଇ ଗ୍ରାମରେ ୫ଜି ନେଟୱର୍କ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ଜିଲ୍ଲାପାଳଙ୍କ କଟକଣାକୁ ମାନୁନାହାଁନ୍ତି ଭାରିଯାନ ମାଲିକ

କେନ୍ଦ୍ରାପଡ଼ା,୧୦/୩ (ନି.ପ୍ର): କେନ୍ଦ୍ରାପଡ଼ା ସହରର ଅଧିକାଂଶ ରାସ୍ତା ଅଣ ଓସାରିଆ ଥିବାରୁ ବାଲି, ମାଟି ଓ ବିଭିନ୍ନ ସାମଗ୍ରୀ ନେଇ ଆସୁଥିବା ଭାରୀଯାନଗୁଡ଼ିକୁ ଜିଲ୍ଲାପାଳ ସକାଳ ୭ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ସହର ଭିତରେ ପ୍ରବେଶକୁ ନିଷିଦ୍ଧ କରିଛନ୍ତି। କିନ୍ତୁ ହାଇୱା ଓ ଟ୍ରକ ମାଲିକ ଏହି ଆଦେଶକୁ ଖାତିର ନକରି ପୋଲିସ ଆଗରେ ଦିନ ୧୧ଟା ସମୟରେ ଅଣଓସାରିଆ ରାସ୍ତା ଖଡ଼ିଅଙ୍ଗ ଛକରୁ ମେଡିକାଲ ଆଡକୁ ବାଲି ନେଇ ବେଧଡ଼କ ଯିବାଆସିବା କରୁଛନ୍ତି। ଏହାଫଳରେ ଦୈନନ୍ଦିନ ଅକାଳରେ ଜୀବନହାନୀ ଘଟୁଛି। ଏହି ଭାରୀଯାନ ଗାଡ଼ିଗୁଡ଼ିକ ଯାତାୟତ କରିବା ଫଳରେ ନିରୀହ ଲୋକ ମୃତ୍ୟୁବରଣ କରୁଥିବା ଏବଂ ଜୀବନସାରା ଅକ୍ଷମ ହୋଇ ପଡ଼ି ରହିଛନ୍ତି। ଏହି ଗାଡ଼ି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଡ୍ରାଇଭରର ଲାଇସେନ୍ସ ରଦ୍ଦ କରିବା ଓ ଜରିମାନା ଆଦାୟ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ରୋଗ ଆଣୁଛି ଫ୍ରେଞ୍ଚ୍ ଫ୍ରାଇସ୍ ! ପାଟିକୁ ସୁଆଦ ହେଲେ ସ୍ୱାସ୍ଥ୍ୟ ପାଇଁ ସଜା



ପ୍ରତିଟି ରୋଷେଇ ଘରର ପରିବା ଝୁଡ଼ିର ରାଜା ହେଉଛି ଆଳୁ । ଆଳୁ ନଥିଲେ କିଛି ହେବନି । ଭଜାରୁ ଆରମ୍ଭ କରି ଭରତା ପର୍ଯ୍ୟନ୍ତ ସଭିଁଙ୍କୁ କିମିଆ କରିଛି ଆଳୁ । ଏମିତିକି ବଡ଼ ବଡ଼ ମଲ୍ , ରେଷ୍ଟୋରାଁର ଫୁଡ୍ କୋର୍ଟରେ ମଧ୍ୟ ଆଳୁର ଚାହିଦା କାହିଁରେ କେତେ । ଆଳୁରେ ପ୍ରସ୍ତୁତ ଫ୍ରେଞ୍ଚ୍ ଫ୍ରାଇସ୍ ଖାଇବାକୁ ତ ଛୋଟପିଲା ଯେମିତି ପାଗଳ । କିନ୍ତୁ ଫ୍ରେଞ୍ଚ୍ ଫ୍ରାଇସକୁ ଲଗାତାର ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଏହାର ଗଭୀର ପ୍ରଭାବ ପଡ଼େ । ଏହା ଆମେ ନୁହଁ ଆଜ୍ଞା ଡାକ୍ତର କହୁଛନ୍ତି । 'ଦ ଆମେରିକାନ୍ ଜର୍ଣ୍ଣାଲ୍ ଅଫ୍ କ୍ଲିନିକାଲ୍ ନ୍ୟୁଟ୍ରିସନ୍' ମୁତାବକ ୪୫୦୦ ଜଣ ଯୁବବର୍ଗଙ୍କ ଉପରେ ଯେତେବେଳେ ଷ୍ଟଡି କରାଗଲା ଏକ ଚକିତ କରିଦେଲା ଭଳି ଖବର ସାମ୍ନାକୁ ଆସିଲା । ରିପୋର୍ଟରେ କୁହାଗଲା କି ଯେଉଁ ଲୋକମାନେ ପ୍ରତି ସପ୍ତାହରେ ଫ୍ରେଞ୍ଚ୍ ଫ୍ରାଇସକୁ ୨ ଥରରୁ ଅଧିକ ଖାଆନ୍ତି ସେମାନଙ୍କ କ୍ଷେତ୍ରରେ ମୃତ୍ୟୁର ବିପଦ ଦୁଇଗୁଣା ବଢିଯାଏ । ଫ୍ରେଞ୍ଚ୍ ଫ୍ରାଇସରେ କ୍ୟାଲୋରୀ ଅଧିକ ଥିବାରୁ ଏଥିରେ ଡାଇଜେସନ୍ ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟସ୍ କମ୍ ଥାଏ । ପାଟିକୁ ସୁଆଦ ଲାଗୁଥିବା ଏହି ଫ୍ରେଞ୍ଚ୍ ଫ୍ରାଇସକୁ ପ୍ରତିଦିନ ଖାଇଲେ ପେଟ ଦରଜ ସମସ୍ୟାରେ କଲବଲ ହେବାକୁ ପଡ଼ିଥାଏ । ଏହାଛଡ଼ା ଡାଇରିଆ , ବାନ୍ତି ଏବଂ ଗ୍ୟାସ୍ ଭଳି ସମସ୍ୟା ଯେମିତି ଶରୀରକୁ କୁଣିଆ ଭଳି ପ୍ରବେଶ କରନ୍ତି। ଫ୍ରେଞ୍ଚ୍ ଫ୍ରାଇସ୍ ଖାଇବା ଦ୍ୱାରା ମସ୍ତିଷ୍କ ଉପରେ ମଧ୍ୟ ଏହାର କୁପ୍ରଭାବ ପଡ଼ିଥାଏ । ହାଇଡ୍ରୋଜେନେଟେଡ୍ ଅଏଲ୍ ଏବଂ ଫ୍ରାଇସରେ ଅଧିକ ମାତ୍ରାରେ ଟ୍ରାନ୍ସ ଫ୍ୟାଟ୍ ଥିବାରୁ ଅଲଜାଇମର୍ ରୋଗର ବିପଦ ଅଧିକ ବଢିଯାଏ । ଏଥିରେ ସ୍ମୃତିଶକ୍ତି କ୍ଷୀଣ ବା ମେମୋରୀ ଲସ୍ ହେବାର ମଧ୍ୟ ସମ୍ଭାବନା ଥାଏ । ଫ୍ରେଞ୍ଚ୍ ଫ୍ରାଇସର ପ୍ରଭାବ ଇମ୍ୟୁନ୍ ସିଷ୍ଟମ୍ ଉପରେ ମଧ୍ୟ ପଡେ । ଏଭଳି ଖାଦ୍ୟରେ ଅନହେଲ୍‌ଦି ବ୍ୟାକ୍ଟେରିଆ ଆପଣଙ୍କ ଗଟ୍ ମାଇକ୍ରୋବାୟୋମକୁ କ୍ଷତି ପହଂଚାଇଥାନ୍ତି । ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କମେ ଯାହାଦ୍ୱାରା ରୋଗ ସହ ଲଢିବାର କ୍ଷମତା କମିଯାଏ ।

ଫ୍ରେଞ୍ଚ୍ ଫ୍ରାଇସ୍ ଲଗାତାର ଖାଇବା ଦ୍ୱାରା ହୃଦୟ ଜନିତ ରୋଗର ବିପଦ ଅଧିକ ବଢିଯାଏ । ତେଲରେ ଛଣା ହୋଇଥିବା ଖାଦ୍ୟ ହାର୍ଟ ବ୍ଲକେଜ୍ ସମସ୍ୟା ସୃଷ୍ଟି କରାଇ ହାର୍ଟ ଆଟାକ୍ ଏବଂ ଟ୍ରିପଲ୍ ବେସଲ୍ ଡିଜିଜ୍ ଭଳି ଗମ୍ଭୀର ସମସ୍ୟାକୁ ଜନ୍ମ ଦେଇଥାଏ । ଯୁବପିଢିଙ୍କ





ଭିତରେ ଓଜନ ବଢିବା ଯେମିତି ଏକ ସାଧାରଣ ସମସ୍ୟା ହୋଇଗଲାଣି । ଏଭଳି ସ୍ଥିତିରେ ହାଇ କ୍ୟାଲୋରୀ ଫୁଡ୍ ଫ୍ରେଞ୍ଚ୍ ଫ୍ରାଇସ୍ ଖାଇବା ଦ୍ୱାରା ଅଣ୍ଟା ଚଉଡ଼ା ହେବା, ପେଟ ବଢିବା, ମେଦବହୁଳତାର ଶିକାର ହେବା ସମସ୍ୟା ବଢେ । ଯଦି ଆପଣ ମଧ୍ୟ ତୈଳଯୁକ୍ତ ଫ୍ରେଞ୍ଚ୍ ଫ୍ରାଇସ୍ ଖାଇବାର ସୌଖିନ ତାହେଲେ ଆଜିଠାରୁ ହିଁ କମାନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।

# ବାଦାମ, କାଜୁ ଠାରୁ ପିସ୍ତା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ, ଆସନ୍ତୁ ଜାଣିବା..

ବ୍ୟସ୍ତବହୁଳ ଜୀବନରେ ଆମେ ଆମ ସ୍ୱାସ୍ଥ୍ୟକୁ ଠିକ ଭାବେ ଧ୍ୟାନ ଦେଇପାରିନଥାଉ । ଖାଇବା ପିଇବାର ସଠିକ୍ ସମୟ ନିର୍ଦ୍ଧାରଣ କରିବା ମଧ୍ୟ କଷ୍ଟକର ହୋଇଥାଏ। ତେଣୁ ଶରରୀକୁ ଉଚିତ୍ ପୋଷଣ ପହଞ୍ଚି ପାରିନଥାଏ । ସେଥିପାଇଁ ପ୍ରାୟତଃ ଅଧିକାଂଶ ଲୋକେ ହେଲଦି ଡାଏଟ୍ସରେ ଡ୍ରାଏ ଫ୍ରୁଟ୍ସକୁ ସାମିଲ କରିଥାନ୍ତି । ଯେତେବେଳେ ବି ଡ୍ରାଏ ଫ୍ରୁଟସ କଥା ଆଲୋଚନା ହୁଏ ସେତେବେଳେ ତୁରନ୍ତ ମାଇଣ୍ଡକୁ ଚାଲିଆସିଥାଏ ବାଦାମ, କାଜୁ ଏବଂ ପିସ୍ତା । କିନ୍ତୁ ବାଦାମ ଏବଂ କାଜୁ ଠାରୁ ପିସ୍ତାର ବ୍ୟବହାର ଖୁବ୍ ଅଧିକ ହୋଇଥାଏ । ହେଲେ ପ୍ରାୟତଃ ଲୋକେ ଏହା ଜଣିନଥିବେ ଯେ ବାଦାମ – କାଜୁ ଠାରୁ ପିସ୍ତା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ବୋଲି । ବାଦାମ ତୁଳନାରେ ପିସ୍ତାରେ ଅଧିକ ପ୍ରୋଟିନ୍ ମିଳିଥାଏ । ଏଥିରେ ୯ ଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ମଧ୍ୟ ଥାଏ । ଯେଉଁଥିପାଇଁ ପିସ୍ତା ଉତ୍ତମ ସ୍ୱାସ୍ଥ୍ୟପାଇଁ ଆବଶ୍ୟକ ହୋଇଥାଏ ।

*ଗ୍ୟାସ୍ ସମସ୍ୟାରୁ ଦିଏ ମୁକ୍ତି:*
କୋଷ୍ଠକାଠିନ୍ୟ କିମ୍ବା ଗ୍ୟାସ୍ ସମସ୍ୟା, ମୁଣ୍ଡ ବ୍ୟଥା ଭଳି ସମସ୍ୟା ଥିବା ଲୋକଙ୍କ ପାଇଁ ପିସ୍ତା ଲାଭଦାୟକ ପ୍ରମାଣିତ ହୋଇପାରେ। ପ୍ରତ୍ୟେକ ଦିନ ଏହାର ସେବନ ଦ୍ୱାରା ଏହି ସବୁ ସମସ୍ୟାରୁ ମୁକ୍ତି ମିଳିଥାଏ । ।

*ଆଖିର ଜ୍ୟୋତି ପାଇଁ ଲାଭଦାୟକ:*
ପିସ୍ତାରେ ଆଣ୍ଟିଅକ୍ସିଡେଣ୍ଟ ଭରପୁର ଥାଏ । ଯାହା ଆଖିକୁ ନୀଳ ରଙ୍ଗର ଜ୍ୟୋତି ଠାରୁ ରକ୍ଷା କରିବାରେ ସହାୟକ ହୋଇଥାଏ ।

*ହାର୍ଟକୁ ସୁସ୍ଥ ରଖିବାରେ ସହାୟକ:*
ପିସ୍ତାରେ ମୋନୋଅନ ସେଚୁରେଟେଡ ଥାଏ । ଯାହା ହାର୍ଟ ପାଇଁ ଖୁବ ଲାୟଦାୟକ ହୋଇଥାଏ। ଏହା ଖରାପ କୋଲେଷ୍ଟ୍ରାଲକୁ କମ୍ କରିବା ସହ ଭଲ କୋଲେଷ୍ଟ୍ରାଲକୁ ବୃଦ୍ଧି କରିଥାଏ । ନିୟମିତ ପିସ୍ତା ଖାଇବା ଦ୍ୱାରା ହାର୍ଟ ସହିତ ଯଡିତ ସମସ୍ୟା କମ ହୋଇଥାଏ ।

*ଓଜନ କମାଇବାରେ ସହାୟକ:*
ଯଦି ଆପଣ ଶରୀରର ଓଜନ କମ କରିବାକୁ ଚାହୁଁଛନ୍ତି ତେବେ ଏଥିପାଇଁ ପିସ୍ତା ଉତ୍ତମ ମାଧ୍ୟମ । କାରଣ ଏଥିରେ କମ କ୍ୟାଲୋରୀ ଏବଂ ଅଧିକ ପ୍ରୋଟିନ୍ ଏବଂ ଫାଇବର ରହିଥାଏ । ଯାହା ଭୋକକୁ ନିୟନ୍ତ୍ରିତ କରିଥାଏ । ଆଉ ଲମ୍ବା ସମୟ ପର୍ଯ୍ୟନ୍ତ ପେଟ ଭରିଲା ଭଳି ଅନୁଭବ କରାଇଥାଏ । ଏହାଦ୍ୱାରା ଅସ୍ୱାସ୍ଥ୍ୟକର ଖାଇବା ଅଭ୍ୟାସରୁ ମୁକ୍ତି କରିଥାଏ ।

*ତ୍ୱଚାକୁ ଚିକଣ କରିବାରେ ସହାୟକ:*
ପିସ୍ତାରେ ଭିଟାମିନ ଇ' ଏବଂ ଆଣ୍ଟିଅକ୍ସିଡେଣ୍ଟ ପ୍ରଚୁର ମାତ୍ରାରେ ମିଳିଥାଏ । ଯାହା ତ୍ୱଚାକୁ ସୁସ୍ଥ ଏବଂ ଉଜ୍ଜ୍ୱଳ ରଖିବାରେ ସହାୟକ ହୋଇଥାଏ । ଚର୍ମର ଆର୍ଦ୍ରତା ବଜାୟ ରଖିବା ସହ ଅକାଳ ବୃଦ୍ଧାବସ୍ଥାର ଲକ୍ଷଣକୁ ରୋକିଥାଏ ।

*ଇମ୍ୟୁନିଟିକୁ ମଜଭୁତ କରେ:*
ପିସ୍ତାରେ ଭିଟାମିନ୍ ବି- ୬ ଏବଂ ଅନ୍ୟ ପୋଷଣ ତତ୍ତ୍ୱ ଥାଏ । ଯାହା ଶରୀରର ଇମ୍ୟୁନିଟିକୁ ମଜଭୁତ କରିଥାଏ । ଏଥରୁ ରୋଗ ସହ ଲଢିବା ପାଇଁ ଶକ୍ତି ବଢିଥାଏ । ଆଉ ଶରୀରକୁ ସୁସ୍ଥ ରଖିବାର ସହାୟକ ହୋଇଥାଏ । ତେବେ ଏହାତ ଥିଲା ମାତ୍ର ସସ୍ୟକ ସୂଚନା । କିନ୍ତୁ ଯେକୌଣସି ଜିନିଷ ଖାଇବା ପୂର୍ବରୁ ପ୍ରଥମେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଆଉ ନିଶ୍ଚିତରେ ସେବନ କରନ୍ତୁ ।

## ଆସନ୍ତୁ ଜାଣିବା ପିସ୍ତାର ଉପକାରିତା ସମ୍ପର୍କରେ..

*ସବୁଜ ରଙ୍ଗର ଏହି ଆକର୍ଷଣୀୟ ଡ୍ରାଏଫ୍ରୁଟ ପ୍ରାକୃତିକ ଆଣ୍ଟିଅକ୍ସିଡେଣ୍ଟ ଗୁଣ ପାଇଁ ବେଶ୍ ଜଣାଶୁଣା । ଏହା କେବଳ ଦେଖିବାକୁ ସୁନ୍ଦର ତାହା ନୁହେଁ ବରଂ ଏହାର ନିୟମିତ ସେବନ ଦ୍ୱାରା ଶରୀରକୁ ଅନେକ ପ୍ରକାର ଲାଭ ମିଳିଥାଏ । ପ୍ରତ୍ୟେକ ଦିନ ମୁଠାଏ ପିସ୍ତା ଖାଇବା ଦ୍ୱାରା ଆପଣଙ୍କ ସାସ୍ଥ୍ୟରେ ଅନେକ ଉନ୍ନତି ଆସି ପାରେ । ପିସ୍ତାରେ ଫାଇବରର ମାତ୍ରା ଅଧିକ ଥାଏ। ଯାହା ପାଚନ ତନ୍ତ୍ରକୁ ଉତ୍ତମ ରଖିବା ସହ ହଜମ ପ୍ରକ୍ରିୟାକୁ ସହଜ କରିଥାଏ ।*



# ଉପାଦେୟ ଘିଅ



ଖାଦ୍ୟର ସ୍ୱାଦ ତଥା ସୁଗନ୍ଧ ବଢ଼ାଇବା, ଜୀର୍ଣ୍ଣକ୍ରିୟାକୁ ସୁଗମ କରିବା ଓ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପରି ଘିଅର ଅନେକ ସ୍ୱାସ୍ଥ୍ୟପ୍ରଦ ଗୁଣ ରହିଛି। ସେଭଳି କିଛି ସୁଗୁଣ ବାବଦରେ ଜାଣିବା। ଆମ ପାକସ୍ଥଳୀରେ ଥିବା ଉପକାରୀ ବୀଜାଣୁଗୁଡ଼ିକ ଘିଅରେ ଥିବା ବ୍ୟୁଟିରେଟ୍ ତନ୍ତୁକୁ ଭାଙ୍ଗି ବ୍ୟୁଟିରିକ୍ ନାମକ ଏକ ଚର୍ବିଳାମ୍ଳରେ ପରିଣତ କରିଥା'ନ୍ତି, ଯାହା ଆମ ବୃହଦାନ୍ତର ଜୀବକୋଷମାନଙ୍କ ପାଇଁ ଏକ ଶକ୍ତିପ୍ରଦ ଉତ୍ସ। ସୁତରାଂ ଘିଅ ହଜମକ୍ରିୟାକୁ ସୁଗମ କରିଥାଏ। ଘିଅ ଖାଇବା ଦ୍ୱାରା ପେଟ ଫୁଲିବା ସମସ୍ୟା ଦୂର ହୋଇଥାଏ। ଘିଅରେ ଥିବା ଉଚ୍ଚମାନର ଓମେଗା ଚର୍ବିଳାମ୍ଳ ଓଜନ ହ୍ରାସ ପାଇଁ ସହାୟକ ହୋଇଥାଏ। ଘିଅରେ ପ୍ରଚୁର ପରିମାଣର ଭିଟାମିନ୍ ଡି, କେ, ଇ ଓ ଏ ପରି ଚର୍ବି-ଦ୍ରବଣୀୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରହିଛି। ତେଣୁ ଘିଅ ଖାଇବା ଦ୍ୱାରା ଆମର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ। ଦେଶୀ ଘିଅର ଆଣ୍ଟିଫଙ୍ଗାଲ୍, ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି। ତେଣୁ ଏହା ଥଣ୍ଡା, କାଶ, ଫ୍ଲୁ ଓ ବିଭିନ୍ନ କ୍ଷତିକାରକ ବୀଜାଣୁ କବଳରୁ ରକ୍ଷା କରିଥାଏ। ଘିଅ ମସ୍ତିଷ୍କ କ୍ରିୟାକୁ ଉନ୍ନତ କରିଥାଏ। ଏହା ବିଭିନ୍ନ ଜୀବକୋଷ ଓ ତନ୍ତୁକୁ ନଷ୍ଟ ହେବାରୁ ବଞ୍ଚାଇ ଜୀବନଧାରଣ କ୍ଷମତା ବଢ଼ାଇଥାଏ। ପ୍ରତ୍ୟହ ସକାଳେ ଖାଲିପେଟରେ ଘିଅ ଖାଇଲେ ତାହା ଶରୀରର ଉପଶମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ଘିଅର ଆଣ୍ଟିଇନ୍‌ଫ୍ଲାମେଟରି ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସନ କରି ଚର୍ମକୁ ଲୋଚାକୋଚା ହେବା ଓ କଳା ପଡ଼ିବାରୁ ରକ୍ଷା କରିଥାଏ। ତ୍ୱଚା ଓ କେଶକୁ କୋମଳ ତଥା ଉଜ୍ଜ୍ୱଳ ରଖିବାରେ ମଧ୍ୟ ଘିଅର ପ୍ରମୁଖ ଭୂମିକା ରହିଛି।



# କାର, ବାଇକ୍ ପଛରେ କାହିଁକି ଦୌଡ଼ନ୍ତି କୁକୁର ? କ'ଣ ରହିଛି ଏହା ପଛର କାରଣ ?

ଗାଁହେଉ କି ସହର, ବାଇକରେ ଯାଉଥିବାବେଳେ କୁକୁର ଗୋଡ଼ାଇବା ପରି ସ୍ଥିତିକୁ ପ୍ରାୟ ସମସ୍ତେ ସାମ୍ନା କରିଥିବେ । ବିଶେଷ କରି ବିଳମ୍ବିତ ରାତିରେ ଫେରୁଥିବା ବେଳେ ଶୂନଶାନ ରାସ୍ତାରେ କୁକୁରଙ୍କର ଏପରି ଦୌରାତ୍ମ୍ୟ ଚାଳକଙ୍କ ଚିନ୍ତା ବଢାଇ ଦେଇଥାଏ । ବାଇକ ବା କାରଟିଏ ଦେଖିଦେଲେ ଦଳବଳ ସହ ଏମାନେ ଶତସିଂହର ବଳ ନେଇ ମାଡ଼ି ଆସନ୍ତି । ଏମିତି ଘଟଣା ନୂଆ କଥା ନୁହେଁ । ବେଳେବେଳେ ତ କୁକୁରମାନେ ଅନେକ କିଲୋମିଟର ଧରି ଦୌଡନ୍ତି । ଏହାକୁ ନେଇ କାର ଓ ବାଇକ ଚାଳକମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଅନେକ ସମୟରେ ଏହା ଦୁର୍ଘଟଣାର କାରଣ ମଧ୍ୟ ହୋଇଥାଏ । ତେବେ ସବୁଠାରୁ ଆଶ୍ଚର୍ଯ୍ୟ ଲାଗେ, ପାଦରେ ଚାଲି ଚାଲି ଯାଉଥିବା ବ୍ୟକ୍ତିଙ୍କ ପ୍ରତି କୁକୁରଙ୍କର କିଛି ପ୍ରତିକ୍ରିୟା ନ ଥାଏ । ଏମିତି ସ୍ଥିତିକୁ ଦେଖିଲେ ମନରେ ପ୍ରଶ୍ନ ଉଠେ, କୁକୁରମାନେ ଏମିତି ହୁଅନ୍ତି କାହିଁକି ? କୁକୁରମାନଙ୍କର ଏପରି ବ୍ୟବହାର ପଛରେ ସତରେ କ'ଣ କିଛି କାରଣ ରହିଛି ? କୁକୁର ଏମିତି ହେବା ପଛରେ ମଣିଷଙ୍କର କିଛି ଭୂମିକା ନାହିଁ । ବୈଜ୍ଞାନିକ କାରଣ କୁହେ, ବାଇକ ବା କାରର ଟାୟାରରୁ ବାହାରୁଥିବା ଗନ୍ଧ ଏଥିପାଇଁ ଦାୟୀ । ଯେହେତୁ କୁକୁରଙ୍କ ଘ୍ରାଣ ଶକ୍ତି ଖୁବ ପ୍ରଖର ତେଣୁ ସେମାନେ ଗାଡ଼ିର ଟାୟାରରୁ ଅନ୍ୟ କୁକୁରର ଗନ୍ଧ ଆଘ୍ରାଣ କରିପାରନ୍ତି । ତେଣୁ ସେମାନେ ଆକ୍ରମଣାତ୍ମକ ହୋଇପଡ଼ନ୍ତି ଏବଂ ଖୁବ ଜୋରରେ ଭୁକିବା ଆରମ୍ଭ କରି ଦିଅନ୍ତି । କୁକୁରମାନଙ୍କର ଆଉ ଏକ ବିରକ୍ତିକର ଅଭ୍ୟାସ ଅଛି । କାର ବା ବାଇକଟିଏ ଛିଡା ହେବା ଦେଖିଲାମାତ୍ରେ ସେମାନେ ଧାଇଁ ଆସି ଏହାର ଟାୟାର ଉପରେ ପରିସ୍ରା କରିଥାନ୍ତି । ଏହି ଟାୟାର ଦ୍ୱାରା ହିଁ ଗୋଟିଏ କୁକୁରର ଗନ୍ଧ ଅନ୍ୟ କୁକୁର ପାଖରେ ପହଞ୍ଚି ଥାଏ । ଧରନ୍ତୁ, ଆପଣଙ୍କର କାର



ବା ବାଇକରେ କୌଣସି କୁକୁର ପରିସ୍ରା କରିଦେଲା । ଏହା ପରେ ଏହି ଗାଡି ଅନ୍ୟ ଇଲାକାକୁ ଗଲା । ସେହି ଜାଗାର କୁକୁର ଟାୟାରରୁ ଅନ୍ୟ କୁକୁରଙ୍କ ଗନ୍ଧ ଆଘ୍ରାଣ କରିପାରନ୍ତି । ପଶୁ ମନୋବିଜ୍ଞାନ କହେ, କୁକୁରମାନେ ନିଜ ଇଲାକାରେ ଅନ୍ୟ କୁକୁରମାନଙ୍କ ପ୍ରବେଶକୁ ବରଦାସ୍ତ କରିପାରନ୍ତି ନାହିଁ । ତେଣୁ ଏହି ଗନ୍ଧରୁ ସେମାନେ ଭାବି ନିଅନ୍ତି ଯେ, ତାଙ୍କ ଗଳିକୁ କେହିଁ ଅନ୍ୟ କୁକୁର ଆସିଗଲା । ସେଥିପାଇଁ ସେମାନେ ବାଇକ ବା କାର ପଛରେ ଦୌଡ଼ିବାକୁ ଆରମ୍ଭ କରନ୍ତି । କାର ବା ବାଇକ ପଛରେ କୁକୁର ଗୋଡ଼ାଇବାର କାରଣ ତ ନିଶ୍ଚିତ ଭାବେ ଟାୟାର ଗନ୍ଧ । ଏହା ବ୍ୟତୀତ ଆଉ ଏକ କାରଣ ମଧ୍ୟ ରହିଛି । ଯଦି କୌଣସି ଗାଡ଼ି ତାହାର ସାଥୀକୁ ଧକ୍କା ଦେଇଥିବ କିମ୍ବା କୌଣସ ଗାଡ଼ିର ଧକ୍କାରେ ସାଥୀ କୁକୁରର ମୃତ୍ୟୁ ଘଟିଥିବ ତେବେ ବି ତାହାର ଗନ୍ଧ କୁକୁରମାନେ ଆଘ୍ରାଣ କରି ପାରିବେ । ଆଉ ସେହି ଗାଡ଼ିକୁ ଦେଖିବା ମାତ୍ରେ ଭୁକିବା ସହ ଗୋଡ଼ାଇଥାନ୍ତି । ଯଦି କେ ?ଣସି କୁକୁର ଏମିତି ଗୋଡାଇଥାନ୍ତି ତେବେ ବାଇକ ଆରୋହୀ ହୁଅନ୍ତୁ ବା କାରଚାଳକ, ଗାଡ଼ିର ବେଗ ବଢାଇ ଦେଇଥାନ୍ତି । ଯେତେ ଶୀଘ୍ର ସମ୍ଭବ ଏଠାରୁ ପଳାଇବାକୁ ଚେଷ୍ଟା କରନ୍ତି । ଏହା ହିଁ ଅନେକ ସମୟରେ ଦୁର୍ଘଟଣାର କାରଣ ହୋଇଥାଏ । କୁକୁର-ମଣିଷଙ୍କର ସମ୍ପର୍କ ଟିକେ ନିଆରା । ଏହା ଭିତରେ ଅନେକ ଭଲ ପାଇବା, ବିଶ୍ୱାସ ରହିଛି । ବିଶେଷକରି କୁକୁରଙ୍କର ମାଲିକଙ୍କ ପ୍ରତି କୃତଜ୍ଞତା ଅନ୍ୟ ପଶୁମାନଙ୍କଠାରୁ ଭିନ୍ନ । ହେଲେ ଏମିତି ଗାଡ଼ି ପଛରେ ଦୌଡୁଥିବା କୁକୁରଙ୍କୁ ଦେଖିଲେ ଲାଗେ, ଯେମିତି ଯୁଦ୍ଧ କ୍ଷେତ୍ରରୁ କୌଣସି ଶତ୍ରୁକୁ ଏମାନେ ଭଗାଇବାର ଚେଷ୍ଟା କରୁଛନ୍ତି । ଏହି ଶତ୍ରୁଙ୍କୁ ଘଉଡାଇବା ପାଇଁ ସେମାନେ ନିଜର ଜୀ-ଜାନ ଖଟାଇ ଦେଇଛନ୍ତି । ଯଦି ଏପରି ସମୟରେ ଆପଣ ଗାଡି ଉପରୁ ନିୟନ୍ତ୍ରଣ ହରାନ୍ତି ଏବଂ ପଡ଼ିଯାଆନ୍ତି କିମ୍ବା ଆପଣଙ୍କ କପଡ଼ା କୁକୁର ମୁହଁରେ ପଡିଯାଏ ତେବେ ସାଂଘାତିକ ପରିସ୍ଥିତି । ଏମିତି ସ୍ଥିତିରେ ବେଳେବେଳେ ବାଇକ ଆରୋହୀ ନିୟନ୍ତ୍ରଣ ହରାଇ ପଡ଼ିଯାଆନ୍ତି । ନଚେତ କୁକୁର ଗାଡ଼ି ଚକାସାମ୍ନାକୁ ଆସିଯାଏ । ଏଥିଯୋଗୁ କେତେବେଳେ ମଣିଷର ତ କେତେବେଳେ କୁକୁରର ଜୀବନ ଯାଇଥାଏ । ତେଣୁ ଏ ସମୟରେ ତରବର ନହୋଇ ଧୀରସ୍ଥିର ଭାବେ ଗାଡ଼ି ଚଳାଇବା ହିଁ ବୁଦ୍ଧିମତାର ପରିଚାୟକ ହେବ ।

# ଘରେ ତିଆରି କରନ୍ତୁ ଛତୁର ଏହି ରେସିପି

ଆବଶ୍ୟକ ସାମଗ୍ରୀ: ଛତୁ, ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜୀରା ବଟା, ପିଆଜ, ଅଦା, ଲଙ୍କା, ଲୁଣ, ଆଳୁ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛତୁକୁ ଛୋଟ ଛୋଟ କାଟି ତାକୁ ଭଲ ଭାବରେ ଧୋଇ ଦିଅନ୍ତୁ। ପରେ ତାକୁ ପାଣିରେ ସିଝାଇ ଦିଅନ୍ତୁ। ଏହା ସିଝି ଗଲା ପରେ ତାକୁ ଥଣ୍ଡା ହେବା ପାଇଁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ସେଥିରେ ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜିରା ବଟା, କଟା ପିଆଜ, କଟା ଅଦା, କଞ୍ଚା ଲଙ୍କା, ସ୍ୱାଦ ଅନୁସାରେ ଲୁଣ, ସିଝା ଆଳୁ ଓ ତେଲ ପକାଇ ଭଲ ଭାବେ ଚକଡି ଦିଅନ୍ତୁ।

ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ପେଷ୍ଟରୁ ବରା ଆକାରରେ ଗଢନ୍ତୁ। ପରେ ତାକୁ ତେଲରେ ଛାଣନ୍ତୁ। ବରାର ଦୁଇ ପାଖ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛତୁ ବରା।



## ଚକ୍ରବ୍ୟୂହ
### ଦୀପ୍ତି ମିଶ୍ର



ସମୟ ଟା କାହିଁକି ଯେ ଏମିତି ହୁଏ
ବୁଝି ହୁଏନା ଜମାରୁ,
ବେଳେ ବେଳେ ମୁହଁ
ବୁଲେଇ ନିଏ ଯେ
ମଥାନତ କରି ଆବୋରି
ନେବାକୁ ହୁଏ ସାଗରର ଯେତେ ଢେଉ,
ଯେତେ ଫେନିଳ ସ୍ୱପ୍ନକୁ....
ଯେଉଁଠି ଅସୁମାରୀ ଆଶାମାନେ
ମୁହଁ ଦେଖାଇ ମିଶି ଯାଆନ୍ତି
ଉର୍ମି ମାନଙ୍କର ଉଜାଣି ଯାତ୍ରାରେ ।

ଅନ୍ଧ କୂପରେ ବାସ କରୁଥିବା ମନ
ଉର୍ଦ୍ଧ୍ୱକୁ ଅନେଇ ନୀଳ ଆକାଶର
ନିଳୀମାରେ ନିଜକୁ ହଜେଇବାର
ଆକାଂକ୍ଷା ବେଳେବେଳେ

ସମୟର ଯୁପ କାଠରେ
ଜଳି ଧ୍ୱଂସ ହୋଇ ଯାଏ ସିନା....
ଆକାଶକୁ ପହଞ୍ଚିବାର ପ୍ରୟାସ
କିନ୍ତୁ ସତ ହୋଇ ପାରେନି ।
ନୀଳ ନଭର ନିଳୀମାକୁ
ଛୁଇଁବା ସାତ ଦରିଆ ପାରିର
କଥା ହୋଇ ରହିଯାଏ ।

ସମୟ ସତରେ କେବେ କେବେ
ଅଭିମନ୍ୟୁ ସଜେଇ ଦିଏ
ଚକ୍ରାନ୍ତର ଚକ୍ରବ୍ୟୁହ ଭିତରେ
ପଶିବାକୁ ବାଧକରେ....
ଆଉ ଥରେ ସେଥିରେ ପଶିଗଲେ
ତା ଭିତରେ ଛଟପଟ କରି ମାରେ
ବ୍ୟାଧ କପୋତକୁ ମାରିବା ପରି ।

ବେଳେ ବେଳେ ସମୟଟା
ଏମିତି କାହିଁକି ହୁଏ,
କେଜାଣି
ଘନ ଜନ ସମୁଦ୍ର ଭିତରେ ବି
ଏକଲା ପଣଟିଏ କେଉଁଠି ଲୁଚିଥାଏ
ଖାଇ ଗୋଡ଼ାଏ....
ଅକାରଣେ ନୀରିହ ଆଖି ଦୁଇଟି
ଝୁରି ଝୁରି ଝରିବାରେ ଲାଗି ଥାଆନ୍ତି...
ଖୋଜି ଚାଲିଥାନ୍ତି ହଜିଥିବା
କିଛି ଅଭୁଲା ରତ୍ନକୁ
ତାହା ସ୍ମୃତି କି ସ୍ୱପ୍ନ କହିବା ମୁସ୍କିଲ ।

+ ବାରିପଦା
ମୋ:୯୪୩୮୪୦୪୩୦୮

## କାହ୍ନୁ
### ଐଶ୍ୱର୍ଯ୍ୟା ପ୍ରଧାନ



ଚରା ଭୂଇଁରେ ଘାସ ଚରୁଥିବା
ନିଷ୍ପାପ ଆଖି ଦୁଇଟି ସବୁବେଳେ
ଭୟାସିକ୍ତ
କେଜାଣି କେଉଁ କୋଣରୁ ଛୁଟି ଆସିବ ମୃତ୍ୟୁ
ଆଉ ଚିରକାଳ ପାଇଁ ନୀରବି ଯିବ ସେ
ସେ ସେଇଠି ବୁଝିପାରେ
ଚାରିକାହ୍ନୁର ମହତ୍ତ୍ୱ
ତା ଭିତରେ ଜୀବନ ॥

ପୁଣି କେବେ ନିର୍ଜନ ବନସ୍ତେ
ବଞ୍ଚିବାର କ୍ଷୀଣ ଆଶାର ଅନ୍ୱେଷଣରେ
ମନ ଅସ୍ତବ୍ୟସ୍ତ
ବିଷ ପ୍ରାୟ ଲାଗେ ଝରଣାର କୁଳୁକୁଳୁ ନାଦ
ପକ୍ଷୀଙ୍କ କାକଳି
ଘଞ୍ଚ ବୃକ୍ଷର ଛାଇ
ଥକିଯାଇ ଛାଇ ନିଦରେ ବିଶ୍ରାମେ ସେଇଠି
ସ୍ୱପ୍ନରେ ଆସେ,
ଚାରିକାହ୍ନୁର ବଳୟ ଭିତରେ
ପ୍ରଜ୍ୱଳିତ ଏକ ଦୀପ
ଯାହାର ଛାଇକୁ ବି ମାଡ଼ି ପାରୁନି ପବନ
ଆହାଃ !
ଦେଖଦେଖ ଚାରିକାହ୍ନୁ ଭିତରେ କେମିତି
ବଢ଼ୁଥାଏ କୋମଳ ଜୀବନ !!

'କାହ୍ନୁ'
କେତେ ଆତ୍ମୀୟ ପଣରେ ବାନ୍ଧିଦିଏ
ମଣିଷକୁ
ସେ ଅଛି ବୋଲି ତ
ଆଶ୍ୱସ୍ତିର ଛାଉଣୀହସେ ମୁଣ୍ଡ ଉପରେ..!

ସୁଖଦୁଃଖ ଅବା ଅଦିନିଆ ଝଡ଼କୁ
କାହ୍ନୁ ହିଁ ଅଟକାଇଦିଏ
ଶୁଣାଯାଏନି ସଂସାର ଭିତରର ଗୁଜବ
ଶକ୍ତ ମୂଳଦୁଆର ସାଞ୍ଜୁ ପିନ୍ଧି
ଅନବରତ ଠିଆ ହୋଇଥାଏ କବଚ ପରି ..
ବାଣ୍ଟି ଚାଲେ ?
ସମୁଦ୍ରେ ଆପଣାପଣ..... ॥

ପୋଷ୍ଟାଲ୍ କଲୋନୀ, ଭବାନୀପାଟଣା
କଳାହାଣ୍ଡି
(ମୋ) ୭୦୦୭୯୩୧୫୯୯

## ତୁ ମୋ ପାଇଁ
### ସରୋଜ କୁମାର ଦାସ



ତୁ ତ ମୋ ପାଇଁ ଆଣିଦେଇପାରୁ
ଆକାଶରୁ ଜହ୍ନ,
ମୁରୁକି ହସରେ ତୋର,
କହିବା ଆଗରୁ ସବୁ ଜାଣିପାରୁ,
ଗଢି ଦେଇପାରୁ ସ୍ୱପ୍ନର ମହଲ
ନିରବ ଆଖିରେ ମୋର ।

ତୁ ଆଙ୍କି ଦେଇପାରୁ ଇନ୍ଦ୍ରଧନୁ ଟିଏ
ଭିଜା ହୃଦୟର କୋମଳ ପ୍ରାନ୍ତରେ
ଲଗେଇ ସିନ୍ଦୂର ଟୋପା ।
ଦୁଇ ଟୋପା ଲୁହ ଅନ୍ତର ଭିତରୁ
ଟିକିଏ ବିଶ୍ୱାସ ଦେଇ
ନିତି ନିତି ମୋର ମନ କରୁଥାଏ ସଫା ।

ତୁ ତ ପରୀ ରାଇଜର ଅଭୁଲା କାହାଣୀ

ଦୂର ଆକାଶରେ, ମେଘ ଉହାଡରେ
ତୋଳି ଦେଉ ଟିକି ଘର ।
ସ୍ମୃତିର ପାହାଡ଼ ଚଢିବା ପାଇଁ କି
ଯେବେ ଧାଇଁ ଆସେ
ମନଟିଏ ନେଇ
ଭାଙ୍ଗିଯାଏ ସ୍ୱପ୍ନ ମୋର ।

ତୁ ତ ନୂପୁର ଛନ୍ଦରେ, ରାଗ ରାଗିଣୀରେ
ବାଇଆ କରିଛୁ ମୋତେ
ପ୍ରୀତିର ମହକ ଦେଇ ।
ମୋତେ ଲାଗେ ସତେ
ଅୟୁତ ଅରୁଣ ଆଭା
ଛଳ ଛଳ ତୋର ଦୁଇ ନୟନରୁ
ନିତି ଫୁଟି ଉଠୁ ଥାଇ ।

ଅଧାଗଢ଼ା କିଛି କଳ୍ପନା ଭିତରେ
ତୁ ହଜି ଥାଉ ବହୁବାର
ମୋତେ ପାଗଳ ସଜେଇ ଦେଇ ।
ପୁରା କରିବାକୁ ତୋର ହସ୍ତାକ୍ଷର
ମୁଁ ବଞ୍ଚି ଥାଏ ବାରବାର
ମୃତ୍ୟୁକୁ ଫେରେଇ ଦେଇ ।

ତୁ ତ ଗଢି ଛୁ କୋଟିଏ କୋଣାର୍କ
ମନ ଅଗଣାରେ ତୋର
ମୁଁ ଅଛି ତା'ର ସାକ୍ଷୀ ।
ନାହିଁ ଧର୍ମପଦ ଶେଷ କରିବାକୁ
ରଙ୍ଗ ଭରିବାକୁ
ମୋର ଏ ମନରେ,
ଚାହିଁ ଥାଏ ଦିବାନିଶି ।

+ ବାଲିଆପାଳ, ବାଲେଶ୍ୱର

## ପ୍ରଣୟ ବଲ୍ଲରୀ
### ନୀଳାମ୍ବର ପଣ୍ଡା



ମନେନାହିଁ ! କେବେ କେଉଁଠି କାହିଁକି
ଅପ୍ରତ୍ୟାଶିତେ କି ପ୍ରାରବ୍ଧିକ ଯୋଗସୂତ୍ରେ
ସିଏ ଆଉ ମୁଁ
ପରସ୍ପର ଭେଟିଥିଲୁ ଜୀବନେ ପ୍ରଥମ
ହାଟ/ବାଟ/ଘାଟ/ତଟ ଅବା
ତୀର୍ଥପୀଠ କି ମନ୍ଦିର ବେଢାରେ
ଦେଖାଚାହାଁରୁ ଆମେ ପରିଚିତ
କ୍ଷଣିକେ ମାତ୍ରକ ।

ତା'ପରେ ସେଦିନଠୁ
ସୌଜନ୍ୟତା ସୌହାର୍ଦ୍ଦ୍ୟତା ।
ଅନ୍ତରଙ୍ଗତାର ଭିତ୍ତିଭୂମିରେ
ସେ ପରିଚୟ କ୍ରମଶଃ ସ୍ଫୁରିତ
ତହିଁରୁ ଉଦ୍ଭୁତ ଧିରେ
ସମ୍ପର୍କଟେ ନିବିଡେ ଏକାନ୍ତ ।

ସମ୍ପର୍କକୁ ପାଥେୟ କରି
ଆଳାପ ମେଳାପ ତ ଅନେକ ଥିଲା
କେବେ ସାଗରବେଳାର ସ୍ନିଗ୍ଧ ମାଦକତାରେ ତ
କେବେ କୋଣାର୍କର ନଗ୍ନଶିଳାର
ଉଷ୍ଣ ରମ୍ୟତାରେ
ଚଅଁରୁଥିଲା ପ୍ରବୃତ୍ତିର ଦୈହିକ ଉଚ୍ଛ୍ୱାସ
ରୋମାଞ୍ଚରେ ଚହଲିତ ଚିତ୍ତ ।
ଚୈତନ୍ୟେ ନଥିଲା ଅଙ୍କୁଶ ।

ଉଭୟଙ୍କ ଆକୃଷ୍ଟିତ ମନସ୍କତାରେ
ଭାବାବେଶିତ ହୃଦ୍ୟତାରେ
ପ୍ରେମର ବୀଜ ତ ଗଜୁରିଥିଲା
ନିଃସନ୍ଦେହେ ଅତୀବ ଗୋପନେ
ଭଲପାଇବାର ଦୋରସା ମାଟିରେ
ବୀଜଟି ବିଜେଇ ପତ୍ରେଇ ଡଙ୍କେଇ
ଦୁଇ ମନ ହୃଦୟକୁ ଛନ୍ଦିଲା ସେ
ପ୍ରଣୟର ନାମାଙ୍କିତ ହୋଇ ।

ପ୍ରଣୟ ବଲ୍ଲରୀ ସେ ପରିଚୟରୁ ସୂତ୍ରପାତ
ଆତ୍ମୀୟତାରେ କଅଁଳିତ
ଅନୁକୂଳ ପ୍ରତିକୂଳର
କେତେ ଯେ ସୋପାନ ଡେଇଁ
ଆଶା ବିଶ୍ୱାସ ଓ ଭରସାରେ
ପଲ୍ଲବିତ ହୋଇ
ଜୀଇଁଅଛି ଦାମ୍ପତ୍ୟର କନ୍ଧିସନ୍ଧି ଛୁଇଁ।

କେସି-୦୭, କୋକିଳା କଟେଜ
ଭୁବନେଶ୍ୱର-୨
(ମୋ) ୭୬୮୧୦୨୧୮୩୦

## କଥାଟି ହେଜ
### କ୍ଷମାକର ବେହେରା



ସଡକେ ସଡକେ ଚାଲି ଯାଇଥିଲେ
ଅଜଣା ଅଚିହ୍ନା ବାଟୋଇ ଟିଏ,
ଗାଆଁପିଲା ଦଳେ ଖେଳୁଥିଲେ ଦେଖି
କୁହାକୁହି ହେଲେ କିଏରେ ଇଏ !
ଏମିତି ବେଶ,
କାନ୍ଧରେ ଗଣ୍ଠିଲି ଚିରା ଫଟା ଲୁଗା
ଜୋତା ନାହିଁ ପାଦେ ନୁଖୁରା କେଶ ।

କିଛି ବାଟ ଯାଇ ଦେଖି ଗଛ ଛାଇ
ବାଟୋଇ ଜଣକ ଗଣ୍ଠିଲି ଥୋଇ,
ଅବଶ ଶରୀର ମାରିବାକୁ ଥକା
କିଛି କ୍ଷଣ ତହିଁ ପଡ଼ିଲେ ଶୋଇ,
ଏତିକି ବେଳେ,
ଦିନା, ମୁନା, ସନା ଛପିଛପି ଯାଇ
ପହଞ୍ଚିଲେ ତହିଁ ସାଥିଙ୍କ ମେଳେ ।

କଉତୁକ ହୋଇ ସାଥୀ ଦୁଇଜଣ
ଫିଟାଇ ଗଣ୍ଠିଲି ଦେଖିଲେ ଯେବେ,
ପଡ଼ିଥିଲା କିଛି ଟଙ୍କା ତା ଭିତରେ
ଭାବିଲେ କଅଣ କରିବା ଏବେ,
ଦୋକାନ ଯାଇ,
କହେ ସନା ହସି ଦୋକାନୀକୁ ଦେଇ
ମିଠେଇ କିଣିବା ଚାଲରେ ଭାଇ ।

ଦୂରେ ଠିଆ ହୋଇ ଦେଖୁଥିଲା ସବୁ
ଟିକି ଝିଅଟିଏ ନାଆଁଟି ମିତା,
ଜାଣିଲା ପିଲାଏ ଏକାଠି ହେଲେଣି
ବାଟୋଇକି ଆଜି କାଟିବେ ଚିତା,
ଆସିଲା ଧାଇଁ,
ପର ଧନ ଦେଖି ଲୋଭ କରିଅଛ
ଭଲ କାମ ନୁହେଁ ଜାଣିନ ଭାଇ ?

ଝିଅଟିର କଥା କାନରେ ବାଜିଲା
ଉଠିଲା ବାଟୋଇ କହିଲା ଶୁଣ,
ପର ଧନ ପାଇଁ ମନ ବଳାଇବା
କଦାପି ନୁହଇ ମହତ ଗୁଣ,
କଥାଟି ହେଜ
ମହତ କରମ ଜୀବନେ ଆଦରି
ମନ୍ଦ-ବୁଦ୍ଧି ଛନ୍ଦ-କପଟ ତେଜ ।

ଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ
ବିଦ୍ୟାଳୟ,କଳାପାଟ,
ଜିରାଙ୍ଗ, ହରିଚନ୍ଦନପୁର, କେନ୍ଦୁଝର
ମୋ-୯୮୫୩୫୬୯୭୮୫

## ରାଧା କୃଷ୍ଣ ପ୍ରେମ ଶାଶ୍ୱତ
### ହେମନ୍ତ କୁମାର ଗନ୍ତାୟତ



ପ୍ରେମ ଏକ ମଧୁ ଶବ୍ଦ ଅନୁଭବୀ ଜାଣେ
ହୃଦେ ଧରି ସେହି ରସ ମଧୁ ମଧୁ ଭଣେ ।
ବ୍ରହ୍ମ ଅଂଶ ଅବିନାଶୀ ଜୀବ ସନାତନ
ନିତ୍ୟ ଆଶ କରିଥାନ୍ତି ହେବାକୁ ମିଳନ ।
ରାଧା କୃଷ୍ଣ ବେନି ମୂର୍ତ୍ତି ପ୍ରକୃତି ପୁରୁଷ
ସଦା ସଙ୍ଗ ଲଭିବାକୁ ଲୋଡ଼ିଥାନ୍ତି ଆଶ ।
ରାଧା ବିନା କୃଷ୍ଣ ଅଧା କୃଷ୍ଣ ବିନା ରାଧା
ପ୍ରେମ ବିନା ବେନି ତତ୍ତ୍ୱ ଲାଗେ ଅଧା ଅଧା।
ରାଧାକୃଷ୍ଣଙ୍କର ପ୍ରେମ ଶାଶ୍ୱତ ସୁନ୍ଦର
ଲୀଳାମୟ ଲୀଳା ତା'ଙ୍କ ଦେବେ
ଅଗୋଚର।
ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧା ହରି
କୁଞ୍ଜେ ନିତ୍ୟ ରାସ ରଚ ଗୋଲକ ବିହାରୀ।
ସେହି ଲୀଳା ଦେଖିବାକୁ ବ୍ରହ୍ମାଦି ଶଙ୍କର
ସ୍ତୁତି ସର୍ବେ କରୁଥାନ୍ତି ବେନି ଯୋଡ଼ିକର ।
ଯୁଗ ଅବତାରି ପ୍ରଭୁ ପୂର୍ଣ୍ଣ ପରଂବ୍ରହ୍ମ
ରସରାଜ ରସାନନ୍ଦ ପ୍ରେମ ତୁମ ଧର୍ମ ।

ଗୋପୀଜନ ମନହାରୀ ମୁକୁନ୍ଦ ମୁରାରୀ
ତପିଜନ ମୁକ୍ତିଦାତା ଶଙ୍ଖ ଚକ୍ର ଧାରୀ ।
ପ୍ରେମ ପାଇଁ ଅବତର ମରତ ଭୁବନେ
ପ୍ରୀତିବାରି ଭରିଦିଅ ଶୁଦ୍ଧ ପ୍ରାଣୀ ମନେ ।
ଘୃଣା ହୃଦୁ ନାଶକର ପ୍ରୀତିରଙ୍ଗ ବୋଳି
ପ୍ରେମର ଅବିରେ ଖେଳ
ସଙ୍ଗେ ହୋଇ ମେଳି।
ପ୍ରେମମୟୀ ରାଧାରାଣୀ ଭକ୍ତି ଶିରୋମଣି
କୃଷ୍ଣପ୍ରେମେ ବନ୍ଧା ସେହି ପ୍ରେମ ପାଗୁଳୁଣୀ ।
ରାଧା କୃଷ୍ଣ ବେନି ତନ ଅଭିନ୍ନ ମୂରତି
ରସପୂର୍ଣ୍ଣ ଗୁଣ ଶୂନ୍ୟ ପ୍ରେମ ତାଙ୍କ ଭକ୍ତି ।

ଅଧ୍ୟାପକ
ଆସିକାଦ, ଗଞ୍ଜାମ



## ମଧୂତ୍ସବ
### ପ୍ରଦ୍ୟୁମ୍ନ ପଟ୍ଟନାୟକ

ଆସିଛି ବସନ୍ତ ପୀତ ନୀଳ ଦୁକୂଳରେ
ପଚାରଇ କାହିଁ ମିତ କହ କୋକିଳରେ ।

ଲୁଚିଛି ସୋରିଷ କ୍ଷେତ ଆମ୍ବ ବଉଳରେ
ହଳଦୀ ବସନ୍ତ କିବା ସୁନାରି ଡାଳରେ ।

ମଧୁକାଳ ବାର୍ତ୍ତାବହ ସେ ମନ୍ଦ ମଳୟ
ଅବିରର ବର୍ଣ୍ଣ ବିଭା ଋତୁ ସୁଧାମୟ ।

ଡାକି ହୋଇ ରଙ୍ଗ ହୋଲି ନହୁଏ ପ୍ରତ୍ୟୟ
ଫଗୁଣର ଫୁଲ ବନେ ହଜି ଯାଏ ପ୍ରିୟ ।

ବିରହରେ ଝୁରା ମନ ଝରା ଅଭିମାନ
ତେଜି ଦେହେ ବୋଲି ଦିଅ
ପ୍ରୀତିର ଚନ୍ଦନ।

ଭୁଲି ରାଗ ରୋଷ ଗ୍ଲାନି ହେଉ ଅବସାନ
ନବ କିଶଳୟେ ଯେହ୍ନେ ବୃକ୍ଷ ମୁହ୍ୟମାନ।

ସ୍ୱାଗତ ହେ ରଙ୍ଗ ଭରା ଦିବ୍ୟ ମଧୁତ୍ସବ
ତବ ଆଗମନେ ପ୍ରୀତିମୟ ସାରା ଭବ ।

+ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## କାହାର ମୁଁ ଆଉ ହେବି
### ତାରାପ୍ରସାଦ ଜେନା



ମନ ଦିଆନିଆ ପ୍ରୀତି ମୀନାରକୁ
ଗଢ଼ିଥିଲେ କେତେ ରଙ୍ଗେ
ଗଢ଼ିବାରେ ଯେତେ କାଳ କଟିଥିଲା
ଭାଙ୍ଗିଗଲା ସଙ୍ଗେ ସଙ୍ଗେ
..... ମନ ଦିଆନିଆ ପ୍ରୀତି...... ।

ଆଜି ସନ୍ଦେହର ଭୂମିକମ୍ପ ହୋଇ
ଧୂଳିସାତ୍ ସବୁ କଲ
ହୃଦୟ ଖାତାରୁ ପରିଚୟ ଚିରି
ଧୋକା ସତେ ଦେଇଦେଲ,
କେମିତିକା ଆଉ ନିଜର ବୋଲିବି
ଭାବି ମୁଁ ପାରୁନି ଢଙ୍ଗେ
..... ମନ ଦିଆନିଆ ପ୍ରୀତି...... ।

ଲୁହ ନଈ ମୋର ଅବାରିତ ଧାଏଁ
ଦିଶୁନାହିଁ ତୁମ ଛବି
ମରିବାଠୁ ବଳି ଦୁଃଖ ଦେଇଗଲ
କାହାର ମୁଁ ଆଉ ହେବି,
ଭାବ ସମାଧିକୁ କେଞ୍ଚୁଥିବ ସିନା
ମିଛ କଳଙ୍କର ଡାଙ୍ଗେ
..... ମନ ଦିଆନିଆ ପ୍ରୀତି...... ।

+ ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ମୋ: ୯୩୪୮୦୫୪୩୦୦



## ପ୍ରଭୁ ତୁମ ପାଇଁ ପଦେ ଜଣାଣ
### ଘନଶ୍ୟାମ ନାଏକ

ମୁଁ ଚିରଦିନ ପାଇଁ ଆସିନି ଏଠାକୁ
ମୁଁ ଆସିଛି କ୍ଷଣିକ ସମୟ ପାଇଁ
ଜୀବନ ଆୟୁଷ ଯେବେ ସରିଯିବ ମୋର
ମୁଁ ଚାଲିଯିବ ପ୍ରଭୁ ତୁମ ପାଖକୁ ଧାଇଁ....।
ପ୍ରଭୁ ମୋ ପାଇଁ ଟିକିଏ ରଖିବେ କି ଜାଗା
ନହେଲେ ଯିବି ମୁଁ କେଉଁଠିକୁ
ମଶାଣି ଭୂଇଁ ରେ ଶବ ପଡ଼ିଗଲେ
ମୋତେ ଭୟରେ ଥରାଇବେ ସେହି
ସବୁ....।
ମୁଁ ଦୁଃଖ ଯନ୍ତ୍ରଣାରେ ଭାଙ୍ଗି ପଡୁଛି ପ୍ରଭୁ
ମୁଁ ତୋ ସମ୍ଭାଳି ପାରୁନି ସତରେ ମହାପ୍ରଭୁ
ମୋ ଘର ଦ୍ୱାର କଥା ଭାବି ବସିଲେ
ମରିବାକୁ ବି ଇଚ୍ଛା ହୁଏନି ପ୍ରଭୁ....।
ଦୁଃଖ ସମୟ ତୋ ନୀତି ଆସୁଛି ପ୍ରଭୁ
ସୁଖ ସମୟ ବି ଦିନେ ଆସିବ
ମୋ ପ୍ରାଣ ବାୟୁ ଯଦି ଆଜି ଚାଲିଯିବ
ତେବେ ମୋ ପରିବାର କଥା
ଟିକେ ବୁଝୁଥିବ।

+ ଜୟପାଟଣା, କଳାହାଣ୍ଡି

## ଗଣତନ୍ତ୍ର !
### ସୁରେନ୍ଦ୍ର ନାଥ ସାହୁ

ଗଣତନ୍ତ୍ର !
ଅସଂଖ୍ୟ ଦେଶ ପ୍ରେମୀ
ଅମର ବଳିଦାନୀଙ୍କ
ଆହୁତ ଆତ୍ମାର ରୂପ ପାଇଥିବା ସ୍ୱପ୍ନଟିଏ।

ଗଣତନ୍ତ୍ର !
ମହାନ ମହିମା ଯୁକ୍ତ
ଦେଶକାଳଜ୍ଞଙ୍କ
କାଳଜୟୀ ପ୍ରତିଭାର
ପୂତ ପରକାଷ୍ଠା ସର୍ବ ହିତୈଷୀ ମନ୍ତ୍ରଟିଏ।

ଗଣତନ୍ତ୍ର !
ସର୍ବ ଭାରତୀୟଙ୍କ
ମଙ୍ଗଳ ସାଧନ ପାଇଁ
ଅବାହତ କାର୍ଯ୍ୟରତ
ରହି ପାରୁଥିବା ସମ୍ବେଦିତ ସୂତ୍ରଟିଏ।

ଗଣତନ୍ତ୍ର !
ସମୂହ ହିତ ସମାହିତ
ସମ୍ମିଳିତ ବିଦ୍ୱତାର
ନିରପେକ୍ଷ ଦୃଷ୍ଟିକୋଣ
ପୂର୍ବ ପୁରୁଷଙ୍କ
ଅଦମ୍ୟ ପୌରୁଷତାର କୃତି
ଅମଳିନ ଚରିତ୍ରର ତନ୍ତଟିଏ।

ଗଣତନ୍ତ୍ର !
ଅନାମ ପଡା
ଆଉ ପଲ୍ଲୀ ଠାରୁ ନେଇ
ଚାଲେ ଦିଲ୍ଲୀ ଯାଏଁ।
ସମାଜର ଶେଷ ଧାଡିର
ଅନ୍ତିମ ବ୍ୟକ୍ତିର ବି
ସହାର୍ଦ୍ଦପୂର୍ଣ୍ଣ ଭାଗିଦାରୀ ସଦା ଚାହୁଁଥାଏ।

ଗଣତନ୍ତ୍ର !
ପ୍ରତ୍ୟେକ ଭାରତବାସୀଙ୍କ
ମୌଳିକ ଅଧିକାରର
ସଦା ପକ୍ଷଧର ରହେ।
ଦେଶ ହିତ ପ୍ରତି
ସଜଗ ରହି
ପ୍ରତ୍ୟେକ ନାଗରିକଙ୍କୁ
ଅନବରତ କର୍ତ୍ତବ୍ୟର ପାଠ ପଢାଏ।

+ କଳମ୍ବ(ଡିହସାହି),
ପୋଲସରା, ଗଞ୍ଜାମ
(ମୋ) ୮୧୨୮୯୧୯୨୫୬

## ଋତୁରାଜ ଆସିଲେଣି
### ଗୋଲୋକବିହାରୀ ବେହେରା



ହେଇ ଦେଖ ଭାଇ, ଆମ ଗାଆଁ ଆଡେ
ଋତୁଙ୍କର ରାଜା ଆସିଲେଣି,
ଶାଗୁଆ ଲୋହିତ, କୋମଳ ପତରେ
କି ସୁନ୍ଦର ଶୋଭା ଦିଶିଲାଣି।
ନାନା ଜାତି ଫୁଲ, ଅଶୋକ ବକୁଳ
କାଞ୍ଚନ ବାସଙ୍ଗ ଫୁଟିଲେଣି,
ଶୀତଳ ସମୀରେ, ଚାରି ଦିଗେ ମିଠା
ବାସନା ଚହଟି ଉଠିଲାଣି।
ଲାଲ ଟକ ଟକ, ପଲାସ ଶିମିଳି
କୁସୁମ ଗଛରେ ଫୁଟିଲେଣି,
ସୁନାରି ଗଛରେ
ହଳଦିଆ ଫୁଲ
ଗାଆଁ ଗୋହିରିରେ ହସିଲେଣି।
ରସାଳ ତୋଟାରେ, ଧବଳ ହରିତ
ବଉଳରେ ଚଣା ଧଇଲାଣି,
ଋତୁରାଜାଙ୍କର, ଆସିବା ବାରତା
କୋଇଲି ମଧୁରେ ଗାଇଲାଣି ।
ମଧୁ ପାନ ପାଇଁ
କାଳିଆ ଭଅଁର
ଫୁଲରୁ ଫୁଲକୁ ଡେଇଁଲେଣି,
ପରଜାପତିଏ
ମହୁମାଛିଗଣ
ଗୁଣୁଗୁଣୁ ସୁର ବାଇଲେଣି।
ଋତୁରାଜାଙ୍କର, ଆଗମନ ହେଲା
ଦକ୍ଷିଣରୁ ବାଆ ବହିଲାଣି,
ବସନ୍ତ ପଞ୍ଚମୀ, ଶିବରାତ୍ରି, ଦୋଳ
ପରବରେ ଲୋକ ନାଚିଲେଣି।

+ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ: ୯୯୩୮୩୦୩୦୩୬

# ଆନ୍ତର୍ଜାତିୟ ମହିଳା ଦିବସ ପାଳିତ

## ଆମେରିକା ଯାହା କରିପାରି ନାହିଁ, ଭାରତ ତାହା ଦେଖାଇ ଦେଇଛି : ଅଧକ୍ଷ




ଉଦଳା,୧୦/୩ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଏକମାତ୍ର ମହିଳା ମହାବିଦ୍ୟାଳୟ ରୂପେ ପରିଗଣିତ ହେଉଥିବା ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପରିସରରେ ଚଳିତ ମାର୍ଚ୍ଚ ୮ ତାରିଖ ଶନିବାର ଦିନ ଆନ୍ତର୍ଜାତିୟ ମହିଳା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଏକ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର +୨ ଓ +୩ରେ ଥିବା ସ୍କାଉଟ ରେଂଜର, ଜାତିୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସ ତରଫରୁ ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହି ଏଥିରେ ଅଧକ୍ଷତା କରି ସ୍ୱାଧିନତା ପରେ ଆମେରିକାର ଗଣତନ୍ତ୍ର ଏ ପର୍ଯ୍ୟନ୍ତ ଜଣେ ହେଲେ ମହିଳାଙ୍କୁ ରାଷ୍ଟ୍ରପତି ପଦରେ ବସାଇପାରିନଥିବା ବେଳେ ଭାରତର ଗଣତନ୍ତ୍ର ୨ ଥର ୨ ଜଣ ମହିଳାଙ୍କୁ ରାଷ୍ଟ୍ରପତି ପଦରେ ବସାଇ ପାରିଛି ବୋଲି ବ୍ୟକ୍ତ କରିବା ସହ ଏଥିପାଇଁ ଆମେ ନିଜକୁ ଗର୍ବ ଅନୁଭବ କରୁ ବୋଲି କହିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ରାଜନିତିରେ ମହିଳାଙ୍କୁ ସଂରକ୍ଷିତ ଆସନ ଅନୁକମ୍ପା ନୁହେଁ ଏହା ମହିଳା ମାନଙ୍କର ଅଧିକାର ବୋଲି କହିଥିଲେ । ସାମାଜିକ କର୍ମି ସୁବ୍ରତ କୁମାର ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ମହିଳା ମାନଙ୍କ ପାଇଁ ଆଇନ କାନୁନରେ କିପ୍ରକାର ବ୍ୟବସ୍ଥା ରହିଛି ଅବଗତ କରାଇଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଅଧାପିକା କୁମକୁମ ଦାସ ଓ ମଂଜୁଳା କଳିଆ ଅଂଶ ଗ୍ରହଣ କରି ମହିଳା ମାନଙ୍କ ପାଇଁ ଥିବା ସରକାରି ଯୋଜନା ଯଥା- କର୍ମଜୀବି ମହିଳାଙ୍କ ପାଇଁ ଛାତ୍ରାବାସ ଯୋଜନା, ସ୍ୱଧାର ଗୃହ ଯୋଜନା, ମହିଳା ଶକ୍ତିକେନ୍ଦ୍ର, କନ୍ୟା ସମୃଦ୍ଧି ଯୋଜନା, ମହିଳା ପୁଲିସ ସ୍ୱୟଂସେବକ ଇତ୍ୟାଦି ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧାପିକା ଲକ୍ଷ୍ମିପ୍ରିୟା, ଶାନ୍ତିଲତା, ମେରିନା, ଅଧାପକ ଗିରିଜା ଶଙ୍କର ଓ ଅଂଜନ କୁମାର ପ୍ରମୁଖ ସହଯୋଗ କରିଥିଲେ ।

# ଅନନ୍ତ ଦାସଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ଓ ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନ ପକ୍ଷରୁ ଗଭୀର ଶୋକ



ବାଲେଶ୍ୱର,୧୦/୩ (ନି.ପ୍ର): ପୂର୍ବତନମନ୍ତ୍ରୀ, ଚାରିଥରର ଭୋଗରାଇର ବିଧାୟକ ତଥା ଓଡ଼ିଶା ପ୍ରଶାସନିକ ସେବାରେ ଦିନେ ଯଶସ୍ୱୀ ପ୍ରଶାସକ ରହିଥିବା ଅନନ୍ତ ଦାସ ଥିଲେ ବାଲେଶ୍ୱର ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ସଂପାଦକ । ସେହିଭଳି ବହୁ ଅନୁଷ୍ଠାନ ସମେତ ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନର ଥିଲେ ଉପଦେଷ୍ଟା । ତାଙ୍କର ବିୟୋଗ ଲକ୍ଷଲକ୍ଷ ଭୋଗରାଇ ବାସୀଙ୍କ ସମେତ ବାଲେଶ୍ୱର ଜିଲ୍ଲା ଓ ରାଜ୍ୟବାସୀ ଜଣେ ସୁସନ୍ତାନଙ୍କୁ ହରାଇଲେ । ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଥିଲାବେଳେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶାଳୟ ବାଲେଶ୍ୱରରେ ପ୍ରତିଷ୍ଠା କରିବା ସହ ଉଭୟ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ କଲେଜରେ ବହୁ ପ୍ରଗତି ହୋଇପାରିଥିଲା । ବାଲେଶ୍ୱର ସହର ଆଜିର ଫକୀରମୋହନ ଗୋଲେଇରେ ଯେଉଁ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି ତାହା ତାଙ୍କର ବାଲେଶ୍ୱର ପୌରପାଳିକାର ଏକଜିକ୍ୟୁଟିଭ୍ ଅଫିସର ସମୟରେ ସୁକୀର୍ତ୍ତୀ । ଭୋଗରାଇର ସାମଗ୍ରିକ ଉନ୍ନତି ସହ ବାଲେଶ୍ୱର ଜିଲ୍ଲାର ବିକାଶ ପ୍ରକ୍ରିୟାରେ ସର୍ବୋପରି ମନ୍ମଥ ମନୋଜ ସ୍ମାରକୀ ନିର୍ମାଣରେ ତାଙ୍କର ଭୂମିକା କେବେ ଭୁଲିବାର ନୁହେଁ । ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ବିଚ୍ଛିନ୍ନାଞ୍ଚଳରେ ଯେଉଁ ଭାଷା ପାଇଁ କାମ କରିବାକୁ ଏକ କୋଟି ଟଙ୍କା ଅନୁଦାନ ପାଉଛି ତାହା ତାଙ୍କର ପ୍ରଚେଷ୍ଟା ବଳରେ ସେତେବେଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିଲେ । ତାଙ୍କ ଭଳି ଦକ୍ଷ ରାଜନେତା, ସୁପ୍ରଶାସକ, ଜନଦରଦୀ, ଭଦ୍ର ଆଚରଣ ସଂପନ୍ନ ବ୍ୟକ୍ତିତ୍ୱ ବିରଳ । ତାଙ୍କର ଶୂନ୍ୟତା ସବୁ ସମୟରେ ବାଲେଶ୍ୱର ଜନଜୀବନରେ ଅନୁଭବ ହେବ ବୋଲି ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖାର ସଂପାଦକ ତଥା ସୁବର୍ଣ୍ଣଶ୍ରୀର ପ୍ରତିଷ୍ଠାତା ସଂପାଦକ ଡ. କାଳୀପଦ ପଣ୍ଡା ତାଙ୍କ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି ।

# ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ଭୁବନ,୧୦/୩ (ନି.ପ୍ର): ଭୁବନ ଏନ୍‌ଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ଲତାବିଲ ବାସିନ୍ଦା ଗୌରାଙ୍ଗ ବିହାରୀ ଙ୍କ ର ରବିବାର ପୂର୍ବାହ୍ନ ରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା । ସେ ଗତ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ସହର ପରିକ୍ରମା କରାଯାଇ ଚିନରା ପୋଖରୀ ଶ୍ମଶାନ ରେ ଅନ୍ତିମ ସଂସ୍କାର କରାଯାଇଥିଲା । ବଡ଼ପୁଅ ରମେଶ ଚନ୍ଦ୍ର ବିହାରୀ ମୁଖାଗ୍ନି ଦେଇଥିଲେ । ଅନ୍ୟ ତିନି ପୁଅ ବାଙ୍କନିଧି, ସନ୍ତୋଷ, ମନୋଜଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗତ ଗୌରାଙ୍ଗ ବିହାରୀ ଏକାଧାରରେ ଜଣେ ଧର୍ମ ପରାୟଣ, ପରୋପକାରୀ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

# ବରୀ ଗସ୍ତରେ ରାଜ୍ୟ କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ : ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଘଟଣାର କଲେ ଅନୁଧ୍ୟାନ

ଧର୍ମଶାଳା,୧୦/୩ (ନି.ପ୍ର): ଯାଜପୁର ଜିଲା ବରୀ ଗସ୍ତରେ ରାଜ୍ୟ କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ପଂହଚି ଘଟଣାର ଅନୁଧ୍ୟାନ କରି ଫେରି ଯାଇଛନ୍ତି । ବରୀ ଅଂଚଳରେ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲା । ତେବେ ଏହି ଘଟଣାର ଅନୁଧ୍ୟାନ କରିଥିବା ଜଣାପଡିଛି । ଆଜି ଅପରାହ୍ନରେ ଏହି ଟିମ୍ ବରୀ ମାଉଣ୍ଡଠାରେ ପଂହଚିବା ପରେ କଂଗ୍ରେସ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏହି ଟିମ୍ ମାଉଣ୍ଡଠାରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ରାଜ୍ୟ କଂଗ୍ରେସ ଟିମ୍ ରେ ମହିଳା ଉତ୍ପୀଡନ ଶାଖାର ଅଧ୍ୟକ୍ଷ ତଥା ରାଜ୍ୟ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏହି ଟିମ୍ ରେ ପୂର୍ବତନ ସାଂସଦ ନକୁଳ ନାୟକ, ପୂର୍ବତନ ବିଧାୟକ ସୁଜିତ ପାଢୀ, ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଓ କଂଗ୍ରେସ ନେତ୍ରୀ ସସ୍ମିତା ବେହେରା ପ୍ରମୁଖ ସାମିଲ ହୋଇଥିଲେ । ପୀଡିତାଙ୍କ ଗାଁରେ ପଂହଚି ଥିଲେ । ଏହି ସମୟରେ ପୀଡିତାଙ୍କ ଘରେ କେହି ନ ଥିବା ବେଳେ ସ୍ଥାନୀୟ ଲୋକ ଓ ଦଳୀୟ କର୍ମୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ । ଏଥି ସହିତ ରାଜ୍ୟରେ ଯେଉଁ ଭଳି ଭାବରେ ମହିଳାମାନଙ୍କ ଉପରେ ହିଂସା, ଅତ୍ୟାଚାର ଓ ଦୁଷ୍କର୍ମ ବଢିବଢି ଚାଲିଛି ତାହାକୁ ନେଇ ଏହି ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ଏନେଇ ପ୍ରଦେଶ କଂଗ୍ରେସ ଟିମ୍ କୁ ଏକ ରିପୋର୍ଟ ପ୍ରଦାନ କରାଯିବ ବୋଲି ପ୍ରତିନିଧି ଦଳ ସୂଚନା ଦେଇଥିଲେ ।

# ବେକରେ ରଶି ଲଗାଇ ଯୁବକର ଆତ୍ମହତ୍ୟା

ଧର୍ମଶାଳା,୧୦/୩ (ନି.ପ୍ର): ଧର୍ମଶାଳା ଥାନା ବଡକାଏମା ପଂଚାୟତ ଅନ୍ତର୍ଗତ ଡେରାବର ଗ୍ରାମରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତକ ଡେରାବର ଗ୍ରାମର ସ୍ୱର୍ଗତ ରଜନୀକାନ୍ତ ସାହୁଙ୍କ ପୁଅ ସୁଶାନ୍ତ କୁମାର ସାହୁ (୩୩) ବୋଲି ଜଣାପଡିଛି । ପାରିବାରିକ କଳହ ଓ ମାନସିକ ଭାରାକ୍ରାନ୍ତ ଯୋଗୁଁ ସେ ଆତ୍ମହତ୍ୟା କରିଥିବା ଜଣାଯାଇଛି । ସୂଚନା ମୁତାବକ, ଡେରାବର ଗ୍ରାମର ସୁଶାନ୍ତ ଏକ ଟେଂଟ ହାଉସ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ । ଅର୍ଥାଭାବ ଯୋଗୁଁ ସେ ବହୁ ଧାର କରଜ କରି ମାନସିକ ଦୁଷ୍ଚିନ୍ତାରେ ରହୁଥିଲେ । ତେବେ ଗତକାଲି ରାତି ପ୍ରାୟ ଗୋଟାଏ ବେଳେ ଘର ଫ୍ୟାନ ହୁକରେ ରଶି ଲଗାଇ ଝୁଲି ପଡିଥିଲେ । ପରିବାର ଲୋକେ ତାଙ୍କୁ ଦେଖି ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଅଭିଯୋଗ ପାଇବା ପରେ ଧର୍ମଶାଳା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ମୃତ ସୁଶାନ୍ତ ଅଢେଇ ବର୍ଷ ହେବ ବିବାହ କରିଥିବା ବେଳେ ତାଙ୍କର ଏକ ୬ ମାସର ଏକ ଶିଶୁ ପୁତ୍ର ରହିଥିବା ଜଣାପଡିଛି । ଗତ କିଛି ଦିନ ହେବ ଧର୍ମଶାଳା ଥାନା ଅଂଚଳରେ ଆତ୍ମହତ୍ୟା ସଂଖ୍ୟା ବଢିବାରେ ଲାଗିଛି । ଏ ଦିଗରେ ରୋକ ଲାଗିବା ନେଇ ସଚେତନତାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

# ଅଣଗେଜେଟେଡ୍ କର୍ମଚାରୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ

ଜୟପୁର,୧୦/୩ (ନି.ପ୍ର): ଓଡିଶା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ଏକ ବୈଠକ ସ୍ଥାନୀୟ ଯାଦବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗର କାର୍ଯ୍ୟରତ କର୍ମଚାରୀ ତଥା ବରିଷ୍ଠ କର୍ମକର୍ତା ଯୋଗ ଦେଇଥିଲେ । କର୍ମଚାରୀ ମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ରାଜ୍ୟ ସଂଘର ଦୃଷ୍ଟି ଆକର୍ଷଣ କରିବା ସହ ସରକାରଙ୍କୁ ରାଜ୍ୟ ସଂଘ ଏକ ସ୍ମାରକ ପତ୍ର ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଥିଲା । ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ସମସ୍ତ କର୍ମଚାରୀ ଓ କର୍ମକର୍ତା ଅସନ୍ତୋଷ ପ୍ରକାଶ କରିଥିଲେ । ଅମଲା ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପ୍ରବେଶିକା ଦରମା ହାର ରେ ପରିବର୍ତନ କ୍ୟାଡର ପୁନଃଗଠନ, କୋଭିଡ ମହାମାରୀ ସମୟରୁ ସ୍ଥଗିତ ରଖାଯାଇଥିବା ମହଙ୍ଗା ଭତା ପ୍ରଦାନ, ଘର ଭଡାରେ ସମାନତା ଆଣିବା, ପୁରୁଣା ନିୟମ ଅନୁସାରେ ଅନୁକମ୍ପା ସହାୟତା ନିଯୁକ୍ତି, ଠିକା ନିଯୁକ୍ତି ଉଚ୍ଛେଦ ସହିତ ସମସ୍ତ ଠିକା କର୍ମଚାରୀମାନଙ୍କୁ ନିୟମିତ କରିବା, ଏକ୍ସ କ୍ୟାଡର ପଦବୀ ଉଚ୍ଛେଦ କରିବା ସହିତ ସମସ୍ତଙ୍କୁ ନିୟମିତ କରିବା, ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରିବା, ଅର୍ଜିତ ଛୁଟିର ବାର୍ଷିକ ଦରମା ପ୍ରଦାନ ବିଷୟରେ ସମସ୍ତେ ମତ ଦେଇଥିଲେ । ଆଗାମୀ ଦିନରେ ସମସ୍ତ ସଂଗଠନର ରାଜ୍ୟ ନେତୃବୃନ୍ଦ ଓ ଜିଲ୍ଲା ନେତୃବୃନ୍ଦଙ୍କୁ ନେଇ କୋରାପୁଟ ଜିଲ୍ଲାରେ ଏକ ବିଶାଳ ସମାବେଶ କରିବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ରାଜ୍ୟରେ ଏକ କର୍ମଚାରୀ ମହାମଂଚ ଗଠନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ଉପସଭାପତି କାଳି ପ୍ରସାଦ ମିଶ୍ର, କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ମହେଶ୍ୱର ମିଶ୍ର, ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଉପସଭାପତି ସଞ୍ଜୟ କୁମାର ରଥ, ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ସଦସ୍ୟ ବିନୋଦ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ କର୍ମଚାରୀ ମହାମଂଚ ଗଠନ ନିମନ୍ତେ ପ୍ରସ୍ତାବ ଆଗତ କରିଥିଲେ । ଶେଷରେ ଶଶି ଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳା ଦିବସ ଅବସରରେ ଦି ବେଲ୍ ପକ୍ଷରୁ ରକ୍ତଦାନ ଓ ଚକ୍ଷୁଦାନ ଅର୍ପଣ କାର୍ଯ୍ୟକ୍ରମ

ପୁରୀ,୧୦/୩ (ନି.ପ୍ର): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ ଦି ବେଲ୍ ଓମେନ୍ସ କ୍ଲବ୍, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଓ ନାବାର୍ଡ ମିଳିତ ଆନୁକୁଲ୍ୟରେ ବିଶ୍ୱ ମହିଳା ଦିବସ ଅବସରରେ ରକ୍ତଦାନ ଓ ଚକ୍ଷୁଦାନ ଅର୍ପଣ ଶିବିର ଚକ୍ରତୀର୍ଥ ରୋଡ ସ୍ଥିତ ଷ୍ଟେଟ ବ୍ୟାଙ୍କ ହଲିଡେ ହୋମ ଠାରେ ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ଓ ଚକ୍ଷୁଦାନ କ୍ଷେତ୍ରରେ କମ୍ ଭାଗିଦାରୀତା ରହିଛି । ଏ କ୍ଷେତ୍ରରେ ମହିଳା ମାନଙ୍କୁ ଆଗକୁ ଆଣିବା ପାଇଁ ଦି ବେଲ ପକ୍ଷରୁ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ୩୦ ଜଣ ବ୍ୟକ୍ତି ଚକ୍ଷୁଦାନ ଓ ୫୫ ଜଣ ବ୍ୟକ୍ତି ରକ୍ତଦାନ କରିଥିଲେ । ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶରତ ଚନ୍ଦ୍ର ବେହେରା ଶିବିରକୁ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ନାବାର୍ଡର ଡିଷ୍ଟ୍ରିକ୍ଟ ଜିଲ୍ଲା ଉନ୍ନୟନ ପରିଚାଳିକା ସସ୍ମିତା ପୃଷ୍ଟି, ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇ ଅନୁଷ୍ଠାନର ଏଭଳି ପ୍ରୟାସକୁ ପ୍ରଶଂସା କରିବା ସହିତ ନାରୀ ମାନେ ସବୁ କ୍ଷେତ୍ରରେ ଭାଗିଦାରିତା ଦେଖାଇବା ଓ ସ୍ୱାବଲମ୍ବୀ ହେବା ପାଇଁ ପ୍ରୟାସ କରିବା ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ନାବାର୍ଡ ସହାୟତାରେ ଉଦ୍ୟୋଗ ଆରମ୍ଭ କରି ସଫଳ ୧୦ ଜଣ ଗ୍ରାମୀଣ ମହିଳା ମାନଙ୍କୁ ନାବାର୍ଡ ତରଫରୁ ସମ୍ମାନିତ କରାଯାଇଥିଲା । ଦି ବେଲ୍ ର ଅଧକ୍ଷ ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ମହିଳା ମାନଙ୍କ ସେବା ମନୋଭାବ ପ୍ରତି ଏକ ସମର୍ପିତ ଉଦ୍ୟମ ବୋଲି କହିଥିଲେ । ଦିଲ୍ଲୀର ଦୁଇ ଜଣ ପର୍ଯ୍ୟଟକ ମୋହିତ ପାୱାର ଓ କସ୍ତୁରୀ ଶ୍ରୀବାସ୍ତବ ରକ୍ତଦାନ କରିଥିଲେ । ଶିବିରକୁ ଅନୁଷ୍ଠାନର ଉପାଧକ୍ଷ ସୁକାନ୍ତ ପଣ୍ଡା ପରିଚାଳନା କରିଥିଲେ । ଦି ବେଲ୍ ଓମେନ୍ କ୍ଲବ୍ ସମ୍ପାଦିକା ରାଜ ଲକ୍ଷ୍ମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶିବିର ପରିଚାଳନାରେ ଦି ବେଲ୍ ଓମେନସ୍ କ୍ଲବ୍ ଓ ୟୁଥ୍ କ୍ଲବ ର ସଦସ୍ୟ ମାନେ ସହଯୋଗ କରିଥିଲେ ।

# କଦମପଡା ଶିଶୁବାଟିକାର 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ ୩ୟ ପର୍ଯ୍ୟାୟ ଅନୁଷ୍ଠିତ

ବଲାଙ୍ଗିର,୧୦/୩ (ନି.ପ୍ର): ଆଜି କଦମପଡା ଶିଶୁ ମନ୍ଦିରର ଦୈନିକ ବଜାର ନିକଟସ୍ଥ ଶିଶୁ ବାଟିକା ବିଭାଗର "ଘର ହିଁ ବିଦ୍ୟାଳୟ" କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗୀର ଆର୍ୟୁର୍ବେଦିକ ମହାବିଦ୍ୟାଳୟର ଶଲ୍ୟ ବିଭାଗର ସହକାରୀ ପ୍ରଧାପକ ବୁଦ୍ଧଦେବ ମିଶ୍ର ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଶୁଭ ଉଦଘାଟନ କରିଥିଲେ । ପ୍ରଥମେ ଗୁରୁମା ବବିତା ପାଣିଗ୍ରାହୀଙ୍କ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମ ଜ୍ଞାନାତ୍ମକ ପାଠରେ ଶିଶୁଙ୍କୁ 'ଚୂଡାଘସା ପ୍ରସ୍ତୁତି'ର ଶିକ୍ଷା ଅନୁଷ୍ଠିତ ହୋଇଥିଲା । ଏହାପରେ ମଂଚାସୀନ ଅତିଥିଙ୍କ ପରିଚୟ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁବ୍ରତ କୁମାର ବେହେରା କରିଥିଲେ । ଏହାପରେ ସୋପାନ ଗୀତ ଗୁରୁମା ପୁଷ୍ପଲତା ଶତପଥି ଗାନ କରିଥିଲେ । ମୁଖ୍ୟ ଅତିଥି ନିଜର ସୈଦ୍ଧାନ୍ତିକ ବିଷୟ ଉପସ୍ଥାପନା କରି କହିଲେ ଯେ ଶିଶୁଙ୍କୁ ସାତ୍ୱିକ ଖାଦ୍ୟ ଖୁଆଇବା ଦ୍ୱାରା ଉତମ ସାମାଜିକ ବ୍ୟକ୍ତି ରୂପେ ପ୍ରତିଷ୍ଠିତ ହୋଇପାରିବେ । କାର୍ଯ୍ୟକ୍ରମର ସଂଯୋଜନା ଗୁରୁମା ଭାରତୀ ସାହୁ ଓ ନିରୁପମା ପାଣିଗ୍ରାହୀ କରିଥିଲେ । ଏହାପରେ ଅଭିଭାବକ ଓ ଅଭିଭାବିକାଙ୍କ ଶଙ୍କାମୋଚନ କାର୍ଯ୍ୟକ୍ରମ ଆଧାରରେ ମୁଖ୍ୟ ଅତିଥି ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ । ବିଦ୍ୟାଳୟର ସଭାପତି ଡ଼ଃ. ଭବାନୀ ଶଙ୍କର ପଟେଲ ମାର୍ଗଦର୍ଶନ କରିଥିଲେ । ଶେଷରେ ବିଦ୍ୟାଳୟର ଉପ ସଭାପତି ରବୀନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ । ମଂଚାସୀନ ଅନ୍ୟତମ ଅତିଥି ରୂପେ ଶିଶୁ ବାଟିକା ପ୍ରମୁଖ ବିଦ୍ୟୁତରେଖା କର ଉପସ୍ଥିତ ଥିଲେ । ଗୃହକାର୍ଯ୍ୟ ବଂଟନ ପରେ "ଆହାର ପ୍ରଦର୍ଶନ" କାର୍ଯ୍ୟକ୍ରମ ହୋଇଥିଲା ।

# ୩୯ତମ ଉଡ଼ାଯାତ୍ରା ଓ ୨୬ ବର୍ଷର ବାସନ୍ତୀପୂଜାର ପ୍ରସ୍ତୁତି ବୈଠକ



ବାଲେଶ୍ୱର,୧୦/୩ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଈଶାଣୀ ଉଡ଼ାଯାତ୍ରା ପଡ଼ିଆ ବାସନ୍ତୀ ମଣ୍ଡପ ପରିସରରେ ୩୯ତମ ଉଡ଼ାଯାତ୍ରା, ୨୬ତମ ବାସନ୍ତୀ ପୂଜା ଓ ବୈଶାଖୀ ମହୋତ୍ସବ - ୧୦ମ ସଂସ୍କରଣ ନିମିତ୍ତ ଏକ ପ୍ରସ୍ତୁତି ବୈଠକ କମିଟିର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ଭାଗବତ ସାହୁଙ୍କ ପ୍ରାରମ୍ଭିକ ସୂଚନା ଦେବା ସଙ୍ଗେସଙ୍ଗେ ଗତବର୍ଷର ଆୟବ୍ୟୟର ହିସାବ ଉପସ୍ଥାପନ କରି ୨୬ତମ ବାସନ୍ତୀ ପୂଜା ଓ ୩୯ତମ ଉଡ଼ାଯାତ୍ରା କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ଦେଇଥିଲେ । ଆସନ୍ତା ଏପ୍ରିଲ୍ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବାସନ୍ତୀ ପୂଜା ଉତ୍ସବ, ଏପ୍ରିଲ୍ ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୩୯ତମ ଉଡ଼ାଯାତ୍ରା ଉତ୍ସବ ହେବା ସହ ଏପ୍ରିଲ୍ ୧୧ଠାରୁ ୧୪ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ୧୦ମ ବୈଶାଖୀ ମହୋତ୍ସବ ମହା ଆଡ଼ମ୍ବରରେ ପାଳିତ ହେବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା । ପ୍ରତିଷ୍ଠିତ ମିନି ଷ୍ଟାଡିୟମ୍‌ରେ ବିଭିନ୍ନ ପ୍ରକାର କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେଉଥିବାରୁ ଏଠାରେ ଏକ ଶୌଚାଳୟ ନିର୍ମାଣ ନିମନ୍ତେ ବୈଶାଖୀ ମହୋତ୍ସବ କମିଟି ପ୍ରସ୍ତାବ ନେଇଥିବାର ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ଉପସଭାପତି ନରେନ୍ଦ୍ର ଦାସ, କବି ଶ୍ରୀଦେବ, ସାରଗାଁ ଗ୍ରା.ପ.ର ନାଏବ ସରପଞ୍ଚ ମନ୍ମଥ ମାଝୀ, ଅଜୟ ପଣ୍ଡା, ସନାତନ ବେହେରା, ରବୀନ୍ଦ୍ର ମାଝୀ, ଦୀନବନ୍ଧୁ ବେହେରା, ଦୀନବନ୍ଧୁ ଦାସ, ରମେଶ ବେହେରା, ପ୍ରଫୁଲ୍ଲ ନାୟକ, ମନୋଜ ଦାସ, ପୂର୍ଣ୍ଣଚନ୍ଦ୍ର ରାଉତ, ସୁରେଶ ମାଝୀ, ଡମ୍ବରୁଧର ଦାସ, ହିମାଂଶୁ ପରିଡ଼ା, ଉମାକାନ୍ତ ମାଝୀ, ମଦନ ମୋହନ ସେନାପତି, ସିଦ୍ଧାର୍ଥ ସାହୁ, ରବୀନ୍ଦ୍ର ମଲୁଆଳ, ମନୋରଞ୍ଜନ ସେଠୀ, ଅଜୟ ବେହେରା, ମହେନ୍ଦ୍ର ମହାଳିକ, ଚଞ୍ଚଳ ବର୍ଦ୍ଧନ ପ୍ରମୁଖ ସଦସ୍ୟବୃନ୍ଦ ଅଂଶଗ୍ରହଣ କରିଥିଲେ । ସର୍ବଶେଷରେ ଅନୁଷ୍ଠାନର ଉପସଭାପତି ସାରିକା କର ଉପସ୍ଥିତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସଙ୍ଗେସଙ୍ଗେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# ଆସନ୍ତା ଏପ୍ରିଲ ୧୭ ଓ ୧୮ରେ ରାଜ୍ୟସ୍ତରୀୟ ପ୍ରଜ୍ଞାମନ୍ଥନ କାର୍ଯ୍ୟକ୍ରମ ହେବ ଭୁବନେଶ୍ୱରରେ

ଭୁବନେଶ୍ୱର,୧୦/୩ (ନି.ପ୍ର): ପ୍ରଜ୍ଞାପ୍ରବାହ ସଂଗଠନ ତରଫରୁ ଆସନ୍ତା ମାସ ଏପ୍ରିଲ ୧୭ ଓ ୧୮ ତାରିଖରେ ଭୁବନେଶ୍ୱର ରେ ଆୟୋଜିତ ହେବ ରାଜ୍ୟସ୍ତରୀୟ ପ୍ରଜ୍ଞାମନ୍ଥନ କାର୍ଯ୍ୟକ୍ରମ । "ଭାରତୀୟ ସମ୍ବିଧାନ ଓ ହିନ୍ଦୁତ୍ୱ " ଉପରେ ପର୍ଯ୍ୟବେଶିତ ହେବ ଏହି କାର୍ଯ୍ୟକ୍ରମ । ରାଜ୍ୟ ର ବିଭିନ୍ନ ଅଂଚଳରେ ରହୁଥିବା ରାଷ୍ଟ୍ରବାଦୀ ବିଦ୍ୱାନ୍ ଗବେଷକ ତଥା ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏକତ୍ରିତ କରି ଏକ ବୈଚାରିକ କର୍ମଶାଳା ର ଆୟୋଜନ କରାଯିବ । ଭୁବନେଶ୍ୱର ୟୁନିଟ ୮ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ରେ ସଂଗଠନ ର ଓଡ଼ିଶା ପୂର୍ବପ୍ରାନ୍ତ ସଂଯୋଜକ ରବି ନାରାୟଣ ପଣ୍ଡାଙ୍କ ଅଧକ୍ଷତାରେ ଏନେଇ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ଏହି କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରାଯାଇଛି । ଏଥିରେ ପ୍ରଜ୍ଞାପ୍ରବାହ ସହ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତଥା ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଏହି ରାଜ୍ୟସ୍ତରୀୟ ସମ୍ମିଳନୀ ଅବସରରେ ଏକ ସ୍ମରଣିକା ପ୍ରକାଶନ କରାଯିବା ସହ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଭାରତୀୟ ସମ୍ବିଧାନ ତଥା ହିନ୍ଦୁତ୍ୱ ବିଷୟ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିମର୍ଷ ତଥା ବିତର୍କର ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି ।

ଏହି ପ୍ରସ୍ତୁତି ବୈଠକ ରେ ପ୍ରଜ୍ଞାପ୍ରବାହ ର ଓଡ଼ିଶା ପୂର୍ବପ୍ରାନ୍ତ ସଂଯୋଜକ ଶ୍ରୀ ପଣ୍ଡାଙ୍କ ସହ- ସଂଯୋଜକ ଇଞ୍ଜିନିୟର ଶିବ ନାରାୟଣ ବାରିକ, ଭୁବନେଶ୍ୱର ଜିଲ୍ଲା ସହ-ସଂଯୋଜକ ଗୌରୀ ପ୍ରସାଦ ତ୍ରିପାଠୀ, ଦୁର୍ଯ୍ୟୋଧନ କାଠୁଆ, ସୁଶ୍ରୀ ସଂଗୀତା ସାହୁ, ଡଃ ଭିୟତପ୍ରଜ୍ଞା ଆଚାର୍ଯ୍ୟ, ସୁବ୍ରତ କୁମାର ନାୟକ,, ବିଭୁ ପ୍ରସାଦ ନାୟକ, ରଘୁ ନାଥ ଦାଶ, ରାଣା ପୃଥ୍ୱୀରାଜ ସିଂହ, ପତଞ୍ଜଳି କର ଶର୍ମା ଏବଂ ପ୍ରଦୀପ ଭାଇ ପ୍ରମୁଖ ସଂଗଠନର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ରାଜପଥ ଉପରେ ଜଳିଲା ବାଇକ: ଆରୋହୀ ଗୁରୁତର

କୋରେଇ,୧୦/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଉପରେ ରବିବାର ଦିନ ୧୧ଟା ସମୟରେ ଏକ ବାଇକରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ବାଇକ ଆରୋହୀ ମଧ୍ୟ ଗୁରୁତର ଭାବେ ଭୁବନେଶ୍ୱର ଏମ୍ସ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ହାଟସାହି ଗ୍ରାମର କୁଶିଆ ରଣାଙ୍କ ପୁଅ ଭରତ (୨୫) ବାଇକରେ ପାଣିକୋଇଲିରୁ ନିଜ ଗ୍ରାମକୁ ଯାଉଥିବା ବେଳେ କୌଣସି କାରଣରୁ ବାଇକର ଚକା ସ୍ଲିପ କରିଯିବାରୁ ବାଇକଟି ତଳେ ପଡ଼ି କିଛି ବାଟ ଘୋଷାଡ଼ି ହୋଇଯାଇଥିଲା । ଫଳରେ ପେଟ୍ରୋଲ ଢାଳି ହୋଇଯାଇ ବାଇକଟିରେ ନିଆଁ ଲାଗି ଯାଇଥିଲା । ତେବେ ଭରତ ବାଇକଟିରୁ ଛିଟିକି ପଡ଼ିଥିବା ବେଳେ ମଧ୍ୟ ପେଟ୍ରୋଲ ଢାଳି ହୋଇ ତାଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା ।

# ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଜାତୀୟସ୍ତରର ବିଶିଷ୍ଟ କଣ୍ଠଶିଳ୍ପୀ : ଅରୁଣିତା କାଞ୍ଜିଲାଲଙ୍କ ଗୀତରେ ଝୁମିଲେ ହଜାର ହଜାର ଦର୍ଶକ



ଜଳେଶ୍ୱର, ୧୦/୩ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତ ସ୍ଥିତ ସାନରାଉତପଡ଼ା ଗ୍ରାମ ସନ୍ନିକଟ ନଦୀ ପଠାରେ ଆୟୋଜିତ ସୁବର୍ଣ୍ଣରେଖା ମହୋତ୍ସବ ଓ ମହାପ୍ରଭୁ ଜଗନ୍ନାଥଙ୍କ ୩୨ ବେଶର ଦ୍ୱିତୀୟ ଦିବସର ସନ୍ଧ୍ୟା କାର୍ଯ୍ୟକ୍ରମରେ ଭାରତର ଆଗ ଧାଡ଼ିର କୁଇନ କଣ୍ଠଶିଳ୍ପୀ ଅରୁଣିତା କାଞ୍ଜିଲାଲଙ୍କ କଣ୍ଠରେ ଝୁମିଲେ ହଜାର ହଜାର ଦର୍ଶକ। କାଞ୍ଜିଲାଲ ମଞ୍ଚରେ ଉଠିବା ମାତ୍ରେ ଦର୍ଶକଙ୍କ କରତାଳିରେ କମ୍ପି ଉଠିଥିଲା ମହୋତ୍ସବ ପଡ଼ିଆ। ଗୋଟିଏ ଗୀତ ପରିବେଷଣ କରିବା ପରେ ମହୋତ୍ସବର ଆୟୋଜକ ତଥା ମୁଖ୍ୟ ପୁରୁଧା ବ୍ରଜମୋହନ ପ୍ରଧାନ,ସାମଜସେବି କାଳିଚରଣ ଦାସ ଓ କୋଟସାହି ସରପଞ୍ଚ ମଞ୍ଜୁବାଳା ପ୍ରଧାନ,ମନୋରଞ୍ଜନ ଦାସ, ରାଜେଶ ଖଟୁଆ,ରାସ ବିହାରି ରଣା, ତାପସ ପାଣିଗ୍ରାହୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ହୋଇ କାଞ୍ଜିଲାଲଙ୍କୁ ଉପଢୌକନ ପୁଷ୍ପଗୋଛ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ କଣ୍ଠଶିଳ୍ପୀ ଅରୁଣିତା ଗୋଟିଏ ପରେ ଗୋଟିଏ ଟପ ଟପ୍ ହିନ୍ଦି ଗୀତ ପ୍ରାୟ ୩ ଘଣ୍ଟା ଧରି ଅବିରତ ଭାବରେ ଗାଇ ଚାଲିଥିଲେ। ଉକ୍ତ ଗୀତ ପରିବେଷଣ କରିବା ସମୟରେ ହଜାର ହଜାର ଦର୍ଶକ ଉପସ୍ଥିତ ହୋଇ ଉପଭୋଗ କରୁଥିବା ବେଳେ ବହୁ ଭିଡ଼ ପରିଲକ୍ଷିତ ପାଇଁ ଗଣ୍ଡଗୋଳ ଆଶଙ୍କାରେ ଜଳେଶ୍ୱର ଥାନା ପକ୍ଷରୁ ପୋଲିସ ମୁତୟନ କରା ଯାଇଥିଲା। ଏତଦ୍ ବ୍ୟତୀତ କମିଟି ପକ୍ଷରୁ ୧୦୦ ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଜଳେଶ୍ୱର ବ୍ଲକ ଓ ବସ୍ତା ବ୍ଲକର ଅଗଣିତ ଦର୍ଶକ ମାନେ ଉପସ୍ଥିତ ରହି କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଙ୍କଟ ମୋଚନ ହନୁମାନଙ୍କ ପୀଠରେ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୧୦/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆଠୁଙ୍ଗ ଗ୍ରାମ ପଞ୍ଚାୟତ ରେ ଆଠୁଙ୍ଗ ଗ୍ରାମ ର ମଧ ସ୍ଥଳୀ ଥିବା ସଙ୍କଟ ମୋଚନ ହନୁମାନଙ୍କ ପୀଠରେ ଷୋଡ଼ଶ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଛି । ତିନି ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଏକତ୍ରିତ ହୋଇ କଳସ ଶୋଭା ଯାତ୍ରାକୁ ଆକର୍ଷଣୀୟ କରିଥିଲେ। ପ୍ରଥମ ଦିବସରେ ୧୦୮କୁମ୍ଭ ଧରି ଭକ୍ତ ମାନେ ଗ୍ରାମ ପରିକ୍ରମା କରିଥିଲେ। ବାଣ ରୁସଣୀ ସହ ବାଦ୍ୟ ର ତାଳେ ତାଳେ ନାଚ ବେଶ ମନମୁଗ୍ଧକର ଥିଲା। ନିକଟସ୍ଥ ଗ୍ରାମମାନଙ୍କରୁ ବହୁ ଶ୍ରଦ୍ଧାଳୁ ଭକ୍ତମାନେ ଉପସ୍ଥିତ ଥିଲେ। ମୁଖ୍ୟ ପୁରୋହିତ ବିଜୟକିଷାନ ସନ୍ଧିବିଗ୍ରହଙ୍କ ନେତୃତ୍ୱରେ ସାତ ଜଣ ପୁରୋହିତ ପୂଜା ପାଠ ରେ ନିୟୋଜିତ ଅଛନ୍ତି। ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା ଠାରୁ ଆରମ୍ଭ କରି ଭୂଦେବୀ ପୂଜା, ମାତୃପିତୃପୂଜା, ଗୋପୂଜା, ହନୁମାନ ଚାଳିଶା ପାଠ କରାଯାଉଛି। ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ ଚାଲୁଅଛି। ଭକ୍ତ ମାନେ ପ୍ରସାଦ ସେବନ କରି ଆନନ୍ଦ ପାଉଛନ୍ତି। ଆଜି ଦ୍ୱିତୀୟ ଦିବସ ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ସମୟରେ ସାମାଜିକ ସେବାରେ ଭିନ୍ନ ଭିନ୍ନ ପାରଦର୍ଶୀତା ପାଇଁ ସାତ ଜଣ ବରିଷ୍ଠ ନାଗରିକଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା କରାଯିବାର କାର୍ଯ୍ୟକ୍ରମ ଅଛି। ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ସେ ଭାବେ ବାସୁଦେବପୁର ଥାନା ଅଧିକାରୀଣୀ ଲୋପାମୁଦ୍ରା ନାୟକ , ସମ୍ମାନୀୟ ଅତିଥି ଭାବେ ଅଧ୍ୟାପକ ନୀହାର ରଞ୍ଜନ କର, ଓ ମୁଖ୍ୟ ବକ୍ତା ବରିଷ୍ଠ ଶିକ୍ଷାବିତ ବସନ୍ତ କୁମାର ଦାସ ଯୋଗଦେଇ ସଭା କୁ ସାଫଲ୍ୟ କରି ଥିଲେ। ଆସନ୍ତା କାଲି ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ଶାନ୍ତି ଶୃଙ୍ଖଳା ଦାୟୀତ୍ୱ କମିଟିର ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଚାଲିଛି। ସମାଜ ସେବୀ ସୀତା କାନ୍ତ ରାଉତ ଙ୍କ ନେତୃତ୍ୱରେ ଗୌତମ ସେଠୀ, ଅଭିରାମ ବେହେରା, ଶଶୀ କାନ୍ତ ରାଉତ, ରମାକାନ୍ତ ବେହେରା, ବାପୁଜୀ ନାୟକ, ଅଭି ରାଉତ, ରତିକାନ୍ତ ପାଣିଗ୍ରାହୀ, ସତ୍ୟବ୍ରତ ବେହେରା, ଉମାକାନ୍ତ ପ୍ରଧାନ, ବାବାଜୀ ଚରଣ ନାୟକ, ଯଦୁନାଥ ଓଝା, ଶ୍ରୀ ପତି ଓଝା ଶୃଙ୍ଖଳା ସହ ସମସ୍ତ କାର୍ଯ୍ୟ କୁ ଆଗେଇ ନେଉଛନ୍ତି।

# ଗୋରୁ ମାଂସ ବୋଝେଇ ଟ୍ରକ ଜବତ




ବାଲିଆପାଳ , ୧୦/୩ (ନି.ପ୍ର): ବସ୍ତା ବାଲିଆପାଳ ରାସ୍ତାର ପୁଟୁରା ଛକ ନିକଟରୁ ରବିବାର ଭୋର ୫ ଟା ସମୟ ରେ ୫ ଟନ୍ ରୁ ଅଧିକ ଗୋ ମାଂସ ଥିବା ଟ୍ରକ କୁ ଜବଦ କରିଛି ସିଂଲା ପୋଲିସ।ସୁଚନା ଅନୁଯାଇ ଭଦ୍ରକ ଅଞ୍ଚଳରୁ ଗୋ ମାଂସ ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ଖବର ପାଇ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ୬୦ ନଂ ଜାତୀୟ ରାଜପଥ ର ବସ୍ତା ଥାନା ଗାନ୍ଧୀ ଛକ ନିକଟରେ ରାସ୍ତା ଅବରୋଧ କରି ଅଟକାଇବାକୁ ଚେଷ୍ଟା କରିଥିଲେ, ମାତ୍ର ଟ୍ରକ ଟି ରାଜପଥରେ ଯାଇ ନପାରି ବାଲିଆପାଳ ରାସ୍ତା ଦେଇ ଖସି ଯିବାକୁ ଉଦ୍ୟମ କରିଥିଲା, ଟ୍ରକ ଟି ଦୃତ ଗତିରେ ଯାଉଥିବା ବେଳେ ଘନ କୁହୁଡି ଯୋଗୁଁ ପୁଟୁରା ଛକ ନିକଟରେ ରାସ୍ତା ପାର୍ଶ୍ୱରେ ଥିବା ଗଛକୁ ଧକ୍କା ଦେଇ ଅଟକି ଯିବାରୁ ଟ୍ରକ୍ ଛାଡ଼ି ଡ୍ରାଇଭର ଏବଂ ହେଲପର ଚମ୍ପଟ ମାରିଥିଲେ, ଖବର ପାଇ ସିଂଲା ପୋଲିସ ଘଟଣାସ୍ଥଳରେ ପହଂଚି ଟ୍ରକକୁ ଜବଦ କରି ଥାନାକୁ ଆଣିଛି,ତେବେ ପ୍ରତ୍ୟେକ ଦିନ ରାଜ ପଥ ଦେଇ ଶହ ଶହ ଗୋ ବୋଝେଇ ଗାଡ଼ି ଏବଂ ଗୋ ମାଂସ ବୋଝେଇ ଗାଡ଼ି ପଶ୍ଚିମବଙ୍ଗ କୁ ଚୋରା ଚାଲାଣ ହେଉଥିବା ବେଳେ ପୋଲିସ ଧରିବାରେ ବିଫଳ ହେଉଛି,ଏହି ବେଆଇନ ଗୋ ଚାଲାଣ ବନ୍ଦ କରିବା ସହିତ ଏଥିରେ ସମ୍ପୃକ୍ତ ଥିବା ଲୋକଙ୍କ ବିରୋଧର ଦୃତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ଲୋକେ ଏବଂ ବଜରଙ୍ଗ ଦଳର କର୍ମକର୍ତ୍ତା ।

## ମଧ୍ୟପ୍ରଦେଶର ସିଧିରେ ଜିପ୍-ଟ୍ୟାଙ୍କର ଧକ୍କାରେ ୮ ମୃତ: ୧୪ ଆହତ

ସିଧି, ୧୦/୩ (ନି.ପ୍ର): ମଧ୍ୟପ୍ରଦେଶର ସିଧି ଜିଲ୍ଲାରେ ସିଟି କୋତୱାଲି ଥାନା ଅଂଚଳରେ ରବିବାର ରାତି ଗୋଟାଏ ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ୟାଙ୍କର ଓ ଜିପ୍ ମଧ୍ୟରେ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ୮ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪ଜଣ ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରେ ୭ଜଣ ଗୁରୁତରଙ୍କୁ ରୀଭା ମେଡିକାଲ ହସ୍ପିଟାଲ ରେଫର କରାଯାଇଛି । ମୃତକଙ୍କ ମଧ୍ୟରେ ୫ଜଣ ମହିଳା ଓ ତିନିଜଣ ପୁରୁଷଙ୍କ ସହିତ ୬ଜଣ ପିଲା ବି ସାମିଲ ଅଛନ୍ତି ।

# ସଭା ସମ୍ବର୍ଦ୍ଧନାରେ ସରିଲା ୨୩ତମ ପ୍ରତିଭା ମହୋତ୍ସବ



ଖଇରା, ୧୦/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଠାରେ ଚାଲିଥିବା ୨ଦିନିଆ ପ୍ରତିଭା ମହୋତ୍ସବ ରବିବାର ସଂଧ୍ୟାରେ ଉଦଯାପିତ ହୋଇ ଯାଇଛି । ଶେଷ ସଂଧ୍ୟାରେ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ସାଙ୍ଗକୁ ଭଳିକି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା । ଅପରାହ୍ନରେ ଜୁନିୟର ସବଜୁନିୟର ସ୍ତରରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରେ ଉପସଭାପତି ବୁଦ୍ଧିରାମ ପାଣିଗ୍ରାହୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଇନ୍ଦୋର ଅହଲ୍ୟା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ ଶଶିକାନ୍ତ ପାଣିଗ୍ରାହୀ ମୁଖ୍ୟବକ୍ତା,ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା ବ୍ରଜସୁନ୍ଦର ସ୍ୱାଇଁ,ବିଶିଷ୍ଟ ହୋମିଓପାଥି ଚିକିତ୍ସକ ଡା ହରେକୃଷ୍ଣ ରାଉତ,ବିଶିଷ୍ଟ ଆୟୁରର୍ବେଦ ଚିକିତ୍ସକ ଡା ପ୍ରଭାକର ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳରୁ ପ୍ରତିଭା ଅନ୍ୱେଷଣ ପ୍ରତିଭା ପରିବାର ସଙ୍ଗଠନର ମୁଖ୍ୟଲକ୍ଷ ଏବଂ ୨୩ବର୍ଷ ଧରି ସେ କେବେ ଲକ୍ଷରୁ ବିଚ୍ୟୁତ ହୋଇ ନାହିଁ ବୋଲି କହିଥିଲେ । ଶଙ୍କର୍ଷନ ପଣ୍ଡା ବେଦପାଠ,ରଘୁନାଥ ପତ୍ରୀ ସମ୍ପାଦକୀୟ ବିବରଣୀ ପାଠ,ସୁରମା ପାଣି ମଞ୍ଚ ପରିଚାଳନା ଓ କୁଞ୍ଜଲତା ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଭାର ଅଧିକାରୀ ଜଳଧର ଦାସ,ଶୁଭମ ଦାସ,ଯୁଧିଷ୍ଠିର କୁଅଁର,ବିଶ୍ୱବନ୍ଦିତା ତିଆଡି, କହ୍ନେଇ ଚରଣ ବେହେରା, ସୁଶାନ୍ତ କୁମାର ବେହେରା, ନିର୍ଲିପ୍ତା ସ୍ୱାଇଁ, ସ୍ମୃତିରେଖା ଦାସ,ଚନ୍ଦନ ଶେଖର ଜେନା,ଅର୍ପିତା ନାୟକ, ପ୍ରତିଭା ପ୍ରଧାନ, ଶିଖାସଙ୍ଗିତା ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ବେହେରା, କ୍ଷିରୋଦ କୁମାର ମନ୍ତ୍ରୀ, ସଞ୍ଜୀବ ମହାନ୍ତି, ପବିତ୍ର ଶତପଥି, ବିକାଶ ନାୟକ, ରୁଦ୍ରନାରାୟଣ ପରିଡା , ଦେବଜ୍ୟୋତି ରାଉତ, ଦିବ୍ୟଦର୍ଶନ ଦାସ, ଭାସ୍କର ଚନ୍ଦ୍ର ପୃଷ୍ଟି, ସୁକାନ୍ତିମଣି ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର ସଦସ୍ୟ ବିମଲ କୁମାର ଜେନା,ବିଭୂତିଭୁଷଣ ତ୍ରିପାଠୀ, ସୁଲୋଚନା ଭୋଳ, ସ୍ନେହଲତା ପରିଡା , ଜ୍ୟୋସ୍ନାରାଣୀ ପୃଷ୍ଟି, ନରେନ୍ଦ୍ର କୁମାର ବେହେରା, ସଞ୍ଜୟ ଭଞ୍ଚରାୟ, ଗଣେଷ ବିଶ୍ୱାଳ, ଚିନ୍ମୟୀ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶାକୁ ନିରାପଦ ...

ଏଜେଣ୍ଟ ମହମ୍ମଦ ହାସିମ୍ ବି ପୋଲିସ ହାତରେ ଧରାପଡ଼ିଛି। ଏମାନେ କେଉଁଠୁ, କେମିତି, କାହା ଜରିଆରେ ଭାରତ ଅନୁପ୍ରବେଶ କଲେ, ତାର ପୂର୍ବାପର ସ୍ଥିତି ନେଇ ମିଳିତ ଏଜେନ୍ସି ଦ୍ୱାରା ତଦନ୍ତ ଚାଲିଥିବା କହିଛନ୍ତି ୫ଞ୍ଚର ଡିଆଇଜି ପିନାକ ମିଶ୍ର। ଏପଟେ ଅଧିକାଂଶ ଉପକୂଳବର୍ତ୍ତୀ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପସ୍ଥିତି ଚିନ୍ତାଜନକ ବିଷୟ ହୋଇଛି। ଆଜି ବିଧାନସଭାରେ ଉଠିଛି ଏ ପ୍ରସଙ୍ଗ। ରାଜ୍ୟରେ କେଉଁ ଜିଲ୍ଲାରେ କେତେ ବାଂଲାଦେଶୀ ଅନୁପ୍ରବେଶକାରୀ ଆଡ୍ଡା ଜମାଇଛନ୍ତି ଏବଂ ସେମାନେ କିଭଳି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି, ତାର ତଥ୍ୟ ରଖିବାକୁ ବିଧାନସଭାରେ ଦାବି ରଖିଥିଲେ ଖୋଦ୍ ଶାସକ ଦଳ ବିଧାୟକ ମାନସ ଦତ୍ତ। ଯାହାର ଲିଖିତ ଉତ୍ତର ରଖିଥିଲେ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ରଖିଥିବା ତଥ୍ୟ ଅନୁସାରେ ରାଜ୍ୟରେ ଏବେ ସୁଦ୍ଧା ମୋଟ ୩ ହଜାର ୭୩୮ ଜଣ ବାଂଲା ଅନୁପ୍ରବେଶକାରୀ ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅଛନ୍ତି ସର୍ବାଧିକ ୧ ହଜାର ୬୪୯ ଜଣ। ସରକାର ପ୍ରତି ଜିଲ୍ଲାରେ ତହସିଲ, ବ୍ଲକ, ଏବଂ ପୋଲିସ କର୍ମଚାରୀଙ୍କୁ ନେଇ ଏକ କମିଟି ଗଠନ କରି ବେଆଇନ୍ ଭାବେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିବା ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି। ଓଡିଶାକୁ ବାଂଲାଦେଶୀ ଅନୁପ୍ରବେଶ କରିବା ଏବଂ ଏଠାରେ ସ୍ଥାୟୀ ବସବାସ କରୁଥିବାର ଅଭିଯୋଗ ଆଦୌ ନୂଆ ନୁହେଁ। ଏହାକୁ ରୋକିବାକୁ ଆଗକୁ ଏ ଦିଗରେ ବିଜେପି ସରକାର କିଭଳି କାର୍ଯ୍ୟାନୁଷ୍ଠାନ ନେଉଛି, ତାକୁ ଅପେକ୍ଷା।

### ବିଜୁଙ୍କ ଅସ୍ଥି ବିସର୍ଜନର...

ଏପରିକି ଦିନେ ଉତ୍ପାତ କଲା । କିଛି ନଥିବ କବାଟ ବାଡେଇ ହେବ । ହଠାତ୍ ଦୁଆର ଭିତରେ ପବନ ବହିବ । ବିଜୟଙ୍କ ମାଆ ସନ୍ଧ୍ୟା ଦୀପ ଦିଅନ୍ତି । ଏମିତି ଘଟଣା ସବୁ ଘରେ ବେଳେ ବେଳେ ଘଟିବା ପରେ କିଛି ପଣ୍ଡିତ ଲୋକଙ୍କ ସହ ଆଲୋଚନା କରିଥିଲେ ବିଜୟ । ପରେ ଅସ୍ଥି ନେଇ ତ୍ରିବେଣୀ ସଙ୍ଗମରେ ଅସ୍ଥି ବିସର୍ଜନ କରିଥିଲେ । କିନ୍ତୁ ଅସ୍ଥି କଳସ ସେଠାରେ ସାଙ୍ଗେ ସାଙ୍ଗେ ବୁଡି ନଥିଲା । ବହୁତ ସମୟ ଲାଗିଥିଲା । ଏକ ପୋଲିସ ବୋଟରେ ଅସ୍ଥି ନେଇ ସେଠାକୁ ସେ ଯାଇଥିଲେ ବୋଲି କହିଛନ୍ତି ବିଜୟ । ବିଜୟ ପୁଣି କହିଛନ୍ତି, ୧୯୯୭ ମସିହାରେ ବିଜୁ ବାବୁଙ୍କ ଦେହାନ୍ତ ପରେ ପୁରୀରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । କିନ୍ତୁ ତାଙ୍କ ମରଶରୀର ଶେଷ ହେବାକୁ ବହୁତ ସମୟ ଲାଗିଥିଲା ।

### ଓଡ଼ିଶାରେ ପହଞ୍ଚିଲେ...

ପ୍ରିୟଙ୍କା ବର୍ତ୍ତମାନ ଟିମ୍‌ରେ ଯୋଗ ଦେଇ ସୁଟିଂ ଆରମ୍ଭ କରିଛନ୍ତି। ତାଙ୍କର ଉପସ୍ଥିତି ଏହି ବଡ ପ୍ରକଳ୍ପକୁ ଅଧିକ ରୋମାଞ୍ଚକର କରିଛି। ଇନଷ୍ଟାଗ୍ରାମରେ ଭାଇରାଲ ହୋଇଥିବା ଚିତ୍ରରେ ପ୍ରିୟଙ୍କା ଓଡ଼ିଶା ବିମାନବନ୍ଦରରେ ବିମାନ କର୍ମଚାରୀଙ୍କ ସହ ପୋଜ୍ ଦେଉଥିବା ନଜର ଆସିଛନ୍ତି। ବର୍ତ୍ତମାନ ରାଜାମୌଲି କୋରାପୁଟରେ ମହେଶ ବାବୁ ଏବଂ ପୃଥ୍ୱୀରାଜ ସୁକୁମାରନଙ୍କ ସହ କିଛି ଆକ୍ସନ୍ ସିନ୍‌ର ସୁଟିଂ କରୁଛନ୍ତି। ସେଟରୁ କିଛି କ୍ଲିପ୍ ଏବଂ ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି, ଯେଉଁଥିରେ ମହେଶ ବାବୁ ଓ ପୃଥ୍ୱୀରାଜ କୋରାପୁଟର ତଳମାଳି ପାହାଡ ଉପରେ କିଛି ଆକ୍ସନ୍ ସିନ୍ କରୁଥିବା ଦେଖିବାକୁ ମିଳେ। ତେବେ ସେଟ୍ ?ରୁ ଲିକ୍ ହୋଇଥିବା ଫୁଟେଜ୍ ଫିଲ୍ମର ଟିମ୍ ପାଇଁ ଚିନ୍ତାର କାରଣ ପାଲଟିଛି। ଏହାପୂର୍ବରୁ ପ୍ରିୟଙ୍କା ହାଇଦ୍ରାବାଦରେ ଫିଲ୍ମର ସୁଟିଂ କରୁଥିଲେ, କିନ୍ତୁ ସେ ତାଙ୍କ ଭାଇ ସିଦ୍ଧାର୍ଥ ଚୋପ୍ରାଙ୍କ ବିବାହ ପାଇଁ ମୁମ୍ବାଇ ଆସିଥିଲେ। ବିବାହ ଉତ୍ସବରେ ଯୋଗଦେବା ପରେ ସେ ପୁଣି କାମକୁ ଫେରିଛନ୍ତି।

### ତୁଣ୍ଡରେ ଲଗାମ ଲଗାଅ...

ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ନିଜର ମତ ପରିବର୍ତ୍ତନ କରିଛି, ଯାହା କେନ୍ଦ୍ର, ରାଜ୍ୟ ଏବଂ ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକୁ ସୁଦୃଢ଼ କରିବାର ପରିକଳ୍ପନା କରିଥିଲା।' କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, 'ତାମିଲନାଡୁ ସରକାର ଏହି ବିଷୟରେ କେନ୍ଦ୍ର ସରକାରଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ରାଜି ହୋଇଥିଲେ କିନ୍ତୁ ଏବେ ସେମାନେ ସେମାନଙ୍କର ନିଷ୍ପତ୍ତି ପରିବର୍ତ୍ତନ କରିଛନ୍ତି ଯେତେବେଳେ କର୍ଣ୍ଣାଟକ ଏବଂ ହିମାଚଳ ପ୍ରଦେଶ ସମେତ ଅନେକ ଅଣ-ବିଜେପି ଶାସିତ ରାଜ୍ୟ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।' କେନ୍ଦ୍ରମନ୍ତ୍ରୀ କହିଛନ୍ତି, 'ତାମିଲନାଡୁ ସରକାର ବେଇମାନ ଏବଂ ପିଲାମାନଙ୍କ ଭବିଷ୍ୟତକୁ ନଷ୍ଟ କରୁଛି।' ଏହି ଲୋକମାନେ ଏଥିରେ ମଧ୍ୟ ରାଜନୀତି କରୁଛନ୍ତି। ଏହି ବୁଝାମଣାପତ୍ର ଉପରେ ତାମିଲନାଡୁ ସରକାର ଚିନ୍ତା ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ, ଜାତୀୟ ଶିକ୍ଷା ନୀତି ଅନୁଯାୟୀ କାର୍ଯ୍ୟ କରିବାକୁ ପଡିବ ଏବଂ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପାଣ୍ଠି ଯୋଗାଇବେ।

### ସୁନା ଚୋରା ଚାଲାଣ...

ସୋମବାର ରାଣ୍ୟାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ଶୁଣାଣି ସମୟରେ ରାଣ୍ୟା କାନ୍ଦିକାନ୍ଦି ଡାଇରେକ୍ଟର ଅଫ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ)ର ଅଧିକାରୀମାନଙ୍କ ବିରୋଧରେ ମାନସିକ ନିର୍ଯାତନା ଓ ଗାଳିଗୁଲଜ କରୁଥିବାର ଅଭିଯୋଗ କରିଛନ୍ତି। ରାଣ୍ୟାଙ୍କ ଅଭିଯୋଗକୁ ଖଣ୍ଡନ କରି ଅଧିକାରୀମାନେ କହିଛନ୍ତି, 'ରାଣ୍ୟା ଯାଞ୍ଚରେ ଆଦୌ ସହଯୋଗ କରୁ ନାହାନ୍ତି।'

### ୧୦୦୦ ମେଗାୱାଟ ...

ଯୋଜନା ରହିଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ନବୀକରଣୀୟ ଶକ୍ତି ବିକାଶ ପାଇଁ ଓଡ଼ିଶାର ସମୃଦ୍ଧ ପ୍ରାକୃତିକ ସମ୍ପଦର ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱଚ୍ଛ ଇନ୍ଧନ ଏବଂ ସବୁଜ ଶକ୍ତି ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶରେ ଅନୁପ୍ରାଣିତ ହୋଇ, ସିଂହଦେଓ ସବୁଜ ଶକ୍ତି ଉତ୍ପାଦନ ଏବଂ ବ୍ୟବହାର ପାଇଁ ରାଜ୍ୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସଙ୍ଗମମ୍ ପାୱାର ପ୍ରୋଜେକ୍ଟ କମ୍ପାନି ସୁଙ୍କ ପିଏସପି ପାଇଁ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିଛି, ଯାହାର ଲକ୍ଷ୍ୟ ହେଉଛି ପିକ୍ ସମୟରେ ଦୈନିକ ଛଅ ଘଣ୍ଟା ପାଇଁ ୧୦୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିବା। ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ କମ୍ପାନି ଓଡ଼ିଶା ସରକାରଙ୍କଠାରୁ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନ ଅନୁରୋଧ କରିଛି। ଉନ୍ନୟନ କମିସନର ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ, ଇଡକୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ ଏବଂ ସଙ୍ଗମମ୍ ପାୱାର ନିର୍ଦ୍ଦେଶକ ଦୀପକ ମାଥୁରଙ୍କ ସମେତ ପ୍ରମୁଖ ଅଧିକାରୀମାନେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

### ଲଳିତ ମୋଦୀଙ୍କ ନାଗରିକତା...

୨୦୧୦ରୁ ବ୍ରିଟେନରେ ରହୁଥିବା ଲଳିତ ମୋଦୀ ଏହି ଅଭିଯୋଗକୁ ସବୁବେଳେ ଖଣ୍ଡନ କରି ଆସୁଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି, ଶେଷରେ ଭାନୁଆଟୁ କାହିଁକି ଲଳିତ ମୋଦୀଙ୍କ ନାଗରିକତା ରଦ୍ଦ କଲେ ? ଭାରତ ସରକାରଙ୍କ ଚାପରେ ଏହା ହୋଇଥିବା ସଂଦେହ କରାଯାଉଛି । ଭାନୁଆଟୁ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ଏକ ଦ୍ୱୀପ ଦେଶ । ଏହା ୮୩ଟି ଦ୍ୱୀପକୁ ନେଇ ଗଠିତ ଏକ ଦ୍ୱୀପପୁଞ୍ଜ, ଯେଉଁଥିରେ ୬୫ଟି ଦ୍ୱୀପରେ ମଣିଷ ବାସ କରନ୍ତି । ଭାନୁଆଟୁ ଅଷ୍ଟ୍ରେଲିଆର ପୂର୍ବ ଓ ନ୍ୟୁଜିଲାଣ୍ଡର ଉତ୍ତରରେ କିମ୍ବା ଅଷ୍ଟ୍ରେଲିଆ ଓ ଫିଜି ମଧ୍ୟରେ ଅବସ୍ଥିତ। ଏହାର ରାଜଧାନୀ ଏବଂ ବୃହତ୍ତମ ସହର ହେଉଛି ପୋର୍ଟ ଭିଲା, ଯାହା ଏଫେଟ୍ ଦ୍ୱୀପରେ ଅବସ୍ଥିତ । ଭାନୁଆଟୁ ଗଣତନ୍ତ୍ରର ଜାତୀୟ ଭାଷା ହେଉଛି ବିସଲାମ (ଏକ କ୍ରେଓଲ ଭାଷା)। ସରକାରୀ ଭାଷା ଗୁଡ଼ିକ ହେଲା ବିସ୍ଲାମା, ଇଂରାଜୀ ଓ ଫ୍ରେଞ୍ଚ ।

# ନାରୀ ନିର୍ଯ୍ୟାତନା ବିରୋଧରେ ବାଲେଶ୍ୱର ଜିଲ୍ଲା କଂଗ୍ରେସର ଗର୍ଜନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବାଲେଶ୍ୱର, ୧୦/୩ (ନି.ପ୍ର): ଓଡିଶାର ବିଜେପି ସରକାର ସମୟରେ ସାଧାରଣ ଲୋକେ ଶାନ୍ତିରେ ନାହାନ୍ତି ଏଠି ସମସ୍ତେ ମୁଣ୍ଡରେ ହାତ ଦେଲେଣି ନାରୀ ନିର୍ଯ୍ୟାତନାର ସୀମା ଉଲଙ୍ଘନ ହେଉଛି ମାତୃ ଜାତି ପ୍ରତି ବ୍ୟଭିଚାର ବିଜେପି ସରକାର ର ଦି ଗୁଣା ହୋଇଛି ପ୍ରତ୍ୟକ ଦିନ ନାରୀମାନେ ଦୁଷ୍କର୍ମ ରେ ଶିକାର ହେଉଛନ୍ତି ଦଶମ ଶ୍ରେଣୀ ପରୀକ୍ଷାର୍ଥୀ ପ୍ରସବ ବେଦନାରେ ଛଟପଟ ହେଉଥିବାବେଳେ ଷଷ୍ଠ ଶ୍ରେଣୀରେ ଛାତ୍ରୀ ମା ହେଉଛି ଏହା ଓଡିଶା ର ଏକ କଳଙ୍କିତ ସରକାର ତେଣୁ ନାରୀ ନିର୍ଯ୍ୟାତନାର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ର ସଭାପତି ଭକ୍ତ ଚରଣ ଦାଶ ଓ ଅଖିଳ ଭାରତୀୟ କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ଅଜୟ ଲଲୁ ଆହ୍ୱାନ କ୍ରମେ ବାଲେଶ୍ୱର ଜିଲ୍ଲା ରେ ଦଳର ସଭାପତି ସଂଜୀବ ଗିରି ଙ୍କ ଡାକରା ରେ ଆଜି କଂଗ୍ରେସ ଗର୍ଜନ କରିଛି ଜିଲ୍ଲା କଂଗ୍ରେସ ର କର୍ମୀ ମାନେ ତାଙ୍କ ପ୍ରିୟ ନେତା ନବଜ୍ୟୋତି ପଟ୍ଟନାୟକ ଙ୍କୁ ପାଇ ବେଶ୍ ଉତ୍ସାହିତ ହୋଇଥିଲେ ଏବଂ ଗାନ୍ଧୀ ସ୍ମୃତି ଭବନ ଠାରୁ ଏକ ବିଶାଳ ଶୋଭାଯାତ୍ରା ନାରାବାଜି କରି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା କର୍ମୀ ଙ୍କ ଗର୍ଜନ ରେ କମ୍ପୁଥିଲା ବେଳେ ରାସ୍ତା ଜାମ୍ ହୋଇଯାଇଥିଲା ବରିଷ୍ଠ ମହିଳା କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ ଙ୍କ ସଭାପତିତ୍ୱରେ ଜିଲ୍ଲା ପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭାରେ ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପୁର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ଅଖିଳ ଭାରତୀୟ କଂଗ୍ରେସ କମିଟି ର ସଦସ୍ୟ ନବଜ୍ୟୋତି ପଟ୍ଟନାୟକ ଜୋଗ ଦେଇ ଓଡିଶାରେ ବିଜେପି ସରକାର ସୁଭଦ୍ରା ଯୋଯନା ନାଁ ରେ ଟଂକା ଦେଇ ନାରୀ ମାନଙ୍କୁ ନିର୍ଯ୍ୟାତନା ଦେଉଛି ତେଣୁ ନାରୀ ସୁରକ୍ଷିତ ନୁହେଁ ଏ ରାଜ୍ୟ ରେ ନାରୀ ହୋଇ ଜନ୍ମ ନେବା କ'ଣ ମହାପାପ କି ବୋଲି ପ୍ରଶ୍ନ କରିଥିଲେ ତେଣୁ କଂଗ୍ରେସ କେବେ ନୀରବ ରହବ ନାହିଁ ଲଢ଼େଇ ଆରମ୍ଭ ହେଲା ବିଜେପି ସରକାର ବିରୋଦ୍ଧ ରେ ବାଲିଆପାଳ ପଂଚାୟତ ସମିତି ର ଅଧକ୍ଷା ରଞ୍ଜିତା ନାୟକ ବାସନ୍ତୀ ସାମଲ ପୁର୍ବତନ ଜିଲ୍ଲା ପରିଷଦ ସଦସ୍ୟା ମୀନା ରାଣୀ ସୁର ,ସରପଞ୍ଚ ମମତା ସାହୁ ଅଞ୍ଜଳି ପ୍ରଧାନ ,ସରପଞ୍ଚ ଜ୍ୟୋସ୍ନା ବେହେରା ଙ୍କ ସମେତ ବହୁ ମହିଳା କଂଗ୍ରେସ ନେତ୍ରୀ ମାନେ ମଞ୍ଚାସୀନ ଥିଲେ ଅନ୍ୟ ମାନଙ୍କ ମଧ୍ୟରେ ପୁର୍ବତନ ବିଧାୟକ ଦେବୀ ପ୍ରଶନ ଚଣ୍ଡ ସୁଦର୍ଶନ ଜେନା ଅଖୟ ଆଚାର୍ଯ୍ୟ ବସ୍ତା ନିର୍ବାଚନ ମଣ୍ଡଳୀ ନେତା ବିଜନ ନାୟକ ସଦର ନିର୍ବାଚନ ମଣ୍ଡଳୀ ନେତା ସରୋଜ ଲେଙ୍କା ସୀମୁଳିଆ ନିର୍ବାଚନ ମଣ୍ଡଳୀ ନେତା ହିମାଂଶୁ ବେହେରା ,ସୋର ନିର୍ବାଚନ ମଣ୍ଡଳୀ ନେତା ସୁବ୍ରତ ଧଡ଼ା ଜିଲ୍ଲା କଂଗ୍ରେସ ର ଉପସଭାପତି ଗୋପୀନାଥ ପାଢ଼ୀ ,ସତ୍ୟ ସୁନ୍ଦର ଦାସ ପଦ୍ମ ଲୋଚନ ଲେଙ୍କା ,ମୁଖପାତ୍ର ସୁଧାଂଶୁ ଶେଖର ଜେନା ,ସତ୍ୟନାରାୟଣ ଗୁପ୍ତା ,ଶ୍ରୀକାନ୍ତ ଜେନା ,ରାଜେନ୍ଦ୍ର ମହାନ୍ତି ,କୃଷ୍ଣ ଗୋପାଳ ପଣ୍ଡା ରାଜୀବ ପରିଡା ,ତରୁଣ ଦାସ, ଜୟକୃଷ୍ଣ ବେହେରା ,ଗୋପବନ୍ଧୁ ମହାପାତ୍ର, ପ୍ରଦୀପ ବେହେରା ,ତପନ ରାଉତ ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ ,ଜୀବନ ମହାପାତ୍ର ,ନିରଞ୍ଜନ ବେହେରା ,ଅରୁଣ ଜେନା ,ସୁଦାମ ପାତ୍ର,ଶିଶିର ରାଉତ ପ୍ରଭାଶ ମଣ୍ଡଳ ,ରବିନ୍ଦ୍ର ଦାସ ,ଜଗନ୍ନାଥ ମହାପାତ୍ର ,ପ୍ରଦୀପ ପ୍ରଧାନ ଓ ହରିଶଙ୍କର ଜେନା ଙ୍କ ସମେତ ବହୁ ମହିଳା କଂଗ୍ରେସ ଛାତ୍ର କଂଗ୍ରେସ ଯୁବ କଂଗ୍ରେସ କର୍ମୀ ଓ ନେତୃତ୍ୱ ସାମିଲ୍ ହୋଇଥିଲେ ପୁର୍ବତନ ବିଧାୟକ ସୁଦର୍ଶନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ଓ ଶେଷରେ ଏକ କୋଡିଏ ଜଣିଆ ପ୍ରତିନିଧି ଦଳ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

# ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କର ବିୟୋଗରେ ବିଧାନସଭାରେ ଶୋକ ପ୍ରସ୍ତାବ ଗୃହୀତ

ଭୁବନେଶ୍ୱର, ୧୦/୩ (ନି.ପ୍ର): ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ବିୟୋଗରେ ଆଜି ବିଧାନସଭାରେ ଶୋକ ପ୍ରସ୍ତାବ ପାରିତ ହୋଇଛି । ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୁରମା ପାଢୀ ଶୋକ ପ୍ରସ୍ତାବ ଆଗତ କରିବାକୁ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଡାକିଥିଲେ । ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ଏ ସମ୍ପର୍କରେ ଶୋକ ପ୍ରସ୍ତାବ ଆଣିଥିଲେ । ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଏହି ଶୋକ ପ୍ରସ୍ତାବକୁ ସମର୍ଥନ କରିଥିଲେ । ଏହା ପରେ ଅମର ଆତ୍ମାର ସଦଗତି କାମନା କରିବା ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ଓ ଶୋକ ପ୍ରସ୍ତାବ ପାରିତ ହୋଇଥିଲା । ଉଲ୍ଲେଖନୀୟ ଯେ, ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ଅନନ୍ତ ଦାସଙ୍କର ରବିବାର ଭୋର ସମୟରେ ଭୁବନେଶ୍ୱର ସ୍ଥିତ ତାଙ୍କ ବାସଭବନରେ ବିୟୋଗ ହୋଇଥିଲା । ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା ଏବଂ ପାରିବାରିକ ସୂତ୍ର ମୁତାବକ, ସେ ଦୀର୍ଘଦିନରୁ ଅସୁସ୍ଥ ଥିଲେ । ଅନନ୍ତ ଦାସ ୪ଥର ବିଧାୟକ ଥିଲେ । ସେ ଭୋଗରାଇ ବିଧାନସଭା କ୍ଷେତ୍ରର ପ୍ରତିନିଧିତ୍ୱ କରିଥିଲେ ଏବଂ ୨୦୦୪, ୨୦୦୯, ୨୦୨୪ ଓ ୨୦୧୯ରେ ଚାରିଥର ବିଜେଡି ପ୍ରାର୍ଥୀ ଭାବେ ଓଡ଼ିଶା ବିଧାନସଭାରେ ନିର୍ବାଚନ ଜିତିଥିଲେ । ସେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ବିଶିଷ୍ଟ ସରକାରରେ ଶିଳ୍ପ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସରକାରଙ୍କ ମୁଖ୍ୟ ସଚେତକ ଓ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଥିଲେ ।

ମଙ୍ଗଳବାର, ମାର୍ଚ୍ଚ ୧୧, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଭାଙ୍ଗିବନି ଆଉ ଆପଣଙ୍କର ସ୍ୱପ୍ନର ଘର: ଲିଫ୍ଟିଙ୍ଗ ଆଉ ସିଫ୍ଟିଙ୍ଗ ମାଧ୍ୟମରେ ଅନ୍ୟସ୍ଥାନକୁ ହୋଇପାରିବ ସ୍ଥାନାନ୍ତର

ବାରିପଦା, ୧୦/୩ (ନି.ପ୍ର): ବାରିପଦା ସହରର ସୁନା ଗାଡ଼ିଆ ସ୍ଥିତ 'ଦାସ ଇଭେଣ୍ଟ'ର କନ୍ଫାରେନ୍ସ ହଲ୍ ଠାରେ ଆଜି ସଂଧ୍ୟା ୭ଟା ସମୟରେ ଏଚ୍.ଏସ୍.ଭି.ଏଲ ହାଉସ୍ ଲିଫ୍ଟିଙ୍ଗ କମ୍ପାନୀର ମାଲିକ ରାହୁଲ୍ ରାଣାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି ।ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଏଚ୍.ଏସ୍.ବି.ଏଲ୍ କମ୍ପାନୀର ମାଲିକ ରାହୁଲ୍ ରାଣା କହିଛନ୍ତି ଯେ ବର୍ତ୍ତମାନ ସରକାରଙ୍କ ପକ୍ଷରୁ ରାଜ୍ୟର ଅଧିକାଂଶ ସଡ଼କ ପ୍ରଶସ୍ତିକରଣ ନିର୍ଦ୍ଦେଶ ସରକାରଙ୍କ ପକ୍ଷରୁ ଚାଲିଛି,ଏହି କାରଣରୁ ସରକାର ଅଧିକାଂଶ ଗୃହ ଓ ବ୍ୟବସାୟୀକ ସଂସ୍ଥାନର ମାଲିକଙ୍କୁ ଗୃହ ଉଚ୍ଛେଦ ସୂଚନା ଜାରି କରିଛନ୍ତି ।ଏଭଳି ସ୍ଥିତିରେ ଆପଣଙ୍କର ଯଦି ଗୃହ ସ୍ଥାନାନ୍ତରଣ ନିମନ୍ତେ ସ୍ଥାନ ରହିଛି ତାହାଲେ ଭୟଭୀତ ନ ହୋଇ ଏଚ୍.ଏସ୍.ଭି.ଏଲ୍ କମ୍ପାନୀକୁ ୭୪୩୦୦୦୦୮୭ ନମ୍ବରରେ ଯୋଗାଯୋଗ କରି ଆପଣଙ୍କ ସ୍ୱପ୍ନର ଘରକୁ ଧ୍ୱଂସ ମୁହଁରୁ ବଞ୍ଚାନ୍ତୁ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସହରର ଅଧିକାଂଶ ସାମ୍ବାଦିକ ଭାଇ ଭଉଣୀ ଉପସ୍ଥିତ ଥିଲେ ।ଜୀବନର ଜମା ପୁଞ୍ଜି ଜଣେ ତା'ର ସ୍ୱପର ଘରେ ଲଗାଇ ଦେଇଥାଏ କିନ୍ତୁ ଯେତେବେଳେ ସେଇ ଘର ଭାଙ୍ଗିବାର କଥା ଆସେ ପରିବାର ଆଖିରୁ ନିଦ ହଜିଯାଏ ।ଆଉ ସେଇ ମୁହୂର୍ତ୍ତ ରେ ଯଦି ଆପଣଙ୍କ ନିକଟରେ ଏଚ୍.ଏସ୍.ବି.ଏଲ୍ କମ୍ପାନୀର ଫୋନ୍ ନମ୍ବର୍ ଥିବ ତାହାଲେ ଆପଣ ନିଶ୍ଚିତ ଧ୍ୱଂସ ମୁହଁରୁ ବଞ୍ଚାଇ ପାରିବେ ଆପଣଙ୍କର ସ୍ୱପ୍ନର ଘର ।

## ମାଉଜର ସହ ୪ରାଉଣ୍ଡ ଜୀବନ୍ତଗୁଳି ଉଦ୍ଧାର: ୧୨ଘଣ୍ଟାର କସରତ ପରେ ଦୁର୍ଦ୍ଦାନ୍ତ ଅପରାଧୀକୁ କାବୁକଲା ନୀଳଗିରି ପୋଲିସ

ନୀଳଗିରି, ୧୦/୩ (ନି.ପ୍ର): ୧୨ଘଣ୍ଟାର ଲୁଚକାଳି ଖେଳପରେ ନୀଳଗିରି ପୋଲିସକୁ ମିଳିଲା ସଫଳତା । ବହୁ ଅପରାଧିକ ମାମଲାରେ ସଂଶ୍ଳିଷ୍ଟ ଦୁର୍ଦ୍ଦାନ୍ତ ଅପରାଧୀ କାର୍ତ୍ତିକ ସାମଲଙ୍କୁ ଗିରଫ କରିଛି ନୀଳଗିରି ପୋଲିସ । ସୂଚନା ଅନୁଯାୟୀ ନୀଳଗିରି ଥାନା ଔପଦା ବ୍ଲକ୍ ଜୁରିଆପାଟଣା ଗ୍ରାମର ଗ୍ରାମର କାର୍ତ୍ତିକ ସାମଲ ଦୀର୍ଘଦିନ ଧରି ହନୁମାନ ପଇସା, ହାତୀଦାନ୍ତ ଚୋରାଚାଲାଣ, ଜଂଗଲୀଜନ୍ତୁ ଶିକାର ଆଦି ବହୁ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବାରୁ ପୋଲିସ ସ୍କାନରରେ ଥିଲା । ତେବେ ସୋମବାର ବିଶେଷସୂତ୍ରରୁ ଖବରପାଇ ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ଆଇଆଇସି ଗୋବର୍ଦ୍ଧନ ନାୟକ ଏକ ଟିମ୍ ଗଠନକରି ଦିନ ପ୍ରାୟ୮ଟା ସମୟରେ କାର୍ତ୍ତିକ ସାମଲଙ୍କ ଘରେ ରେଡ କରିଥିଲେ । ଘଟଣାସ୍ଥଳରେ ଅପରାଧୀକୁ କାବୁକରିବା ସହିତ ତା ନିକଟରୁ ୫ଟି ହନୁମାନ ପଇସା, ଝିଙ୍କକାଠି , ୨ଲକ୍ଷ ୩୫ହଜାର ନଗଦ ଟଙ୍କା ଜବତ କରିଥିଲେ । ତେବେ ୧୦ଘଣ୍ଟା ପରେ ସନ୍ଧ୍ୟାରେ ଅପରାଧୀ କାର୍ତ୍ତିକଙ୍କ ବାଡ଼ିରେ ପୋତାହୋଇଥିବା ଗୋଟିଏ ମାଉଜର ଜବତ କରିବା ସହ ୪ଟି ଜୀବନ୍ତଗୁଳି ଜବତକରି ଅପରାଧୀ କର୍ତ୍ତିକକୁ ପୋଲିସ ହେପାଜତରେ ନୀଳଗିରି ଥାନାକୁ ଅଣାଯାଇଥିବା ଜଣାପଡିଛି । ତେବେ ଏହି ଅପରାଧିକ ମାମଲାରେ ଅନ୍ୟକାହାର ସଂଶ୍ଳିଷ୍ଟକୁ ନେଇ ପୋଲିସ ଅଧିକ ତନାଘନା ଜାରି ରଖିଛି ।

## ୮ଦଫା ଦାବି ନେଇ ପାଚିକାଙ୍କ ବିକ୍ଷୋଭ

ଭୁବନେଶ୍ୱର, ୧୦/୩ (ନି.ପ୍ର): ଓଡ଼ିଶା ପାଚକ ପାଚିକା ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ସୋମବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସଂଘର ରାଜ୍ୟ ସଭାନେତ୍ରୀ ଜନକ ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ୩୦ଗୋଟି ଜିଲ୍ଲାର ପାଚକ ପାଚିକାମାନେ ଏଥିରେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଭାବେ ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ ୮ଦଫା ସମ୍ବଳିତ ଦାବି ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ରାଜ୍ୟ ସାଧାରଣ ସମ୍ପାଦିକା ଜାନକୀ ମାଝୀ କହିଛନ୍ତି ଆମେ ୨୦ ବର୍ଷ ଧରି କାମ କରୁଥିଲେ ମଧ୍ୟ ମାସକୁ ମାତ୍ର ୨ ହଜାର ଟଙ୍କା ଦିଆଯାଉଛି । ତେଣୁ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ୨୭୫ ଟଙ୍କା ଲାଗୁ କରାଯାଉ । ଉକ୍ତ ପ୍ରକାରେ ମାସିକ ୮,୨୫୦ ଟଙ୍କା ଦରମା ଲାଗୁ କରାଯାଉ । ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବା ସହିତ ଡ୍ରେସ୍ କୋର୍ଡ ଲାଗୁ କରାଯାଉ । ଚିକିତ୍ସା ଭତା ସହିତ ଜୀବନ ବୀମାର ସୁବିଧା କରାଯାଉ । ୨୦୧୮ ମସିହା ଜାନୁଆରୀ ମାସଠାରୁ ବର୍ତ୍ତମାନ ପ୍ରଚଳିତ ବର୍ଦ୍ଧିତ ଦରମାର ବକେୟା ପାଉଣା ଦିଆଯାଉ । ନିଯୁକ୍ତି କରିବା ବ୍ୟବସ୍ଥାକୁ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସିଧାସଳଖ ନିୟନ୍ତ୍ରଣରେ ରଖାଯାଉ ।

## ପ୍ରିୟଦର୍ଶନୀ ମହିଳା ସମିତି ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ

ଖଇରା, ୧୦/୩ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଠାରେ ରବିବାର ଦିନ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ପ୍ରିୟଦର୍ଶନୀ ମହିଳା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ସଭାପତି ଶିବାନୀ ମହାନ୍ତି ପୌରହିତ୍ୟ କରିଥିଲେ । ବରିଷ୍ଠ ଆଇନଜିବୀ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟବକ୍ତା,ପ୍ରଦୀପ୍ତ କୁମାର ଦାସ ସମ୍ମାନୀତ ବକ୍ତା,ପଦ୍ମଲୋଚନ



ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ମହିଳାମାନେ ସ୍ୱାବଲମ୍ବୀ ହେଲେ ଦେଶର ଆର୍ଥିକ ଅଭିବୃଦ୍ଧି ହେବ ବୋଲି ପ୍ରକାଶ କରିଥିଲେ ।କାର୍ଯ୍ୟକାରୀ ସଭାପତି ତୁଳସୀ ପରିଡା ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ । ସୀତା ମାରାଣ୍ଡି, ହେମଲତା ଶିଅଳ, ରମ୍ଭାମଣି ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ନୃସିଂହ ପ୍ରସାଦ ମହାରଣାଙ୍କ ଅଙ୍ଗଦାନକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, ୧୦/୩ (ନି.ପ୍ର): ପାରଳାଖେମୁଣ୍ଡିର ନୃସିଂହ ପ୍ରସାଦ ମହାରଣା ମୃତ୍ୟୁ ପରେ ଅଙ୍ଗଦାନ କରିଥିବାରୁ ତାଙ୍କର ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ମୁଖ୍ୟମନ୍ତ୍ରୀ ଏକ୍ସ ହ୍ୟାଣ୍ଡେଲରେ କହିଛନ୍ତି ଯେ, ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ନୃସିଂହ ପ୍ରସାଦ ମହାରଣାଙ୍କ ଦେହାନ୍ତ ପରେ ତାଙ୍କ ଅଙ୍ଗଦାନ କରି ପରିବାରବର୍ଗ ଉଦାହରଣ ସୃଷ୍ଟି କରିଛନ୍ତି । ମୃତ୍ୟୁ ପୂର୍ବରୁ ଅଙ୍ଗଦାନ ପାଇଁ ନୃସିଂହ ତାଙ୍କ ପରିବାରକୁ ଜଣାଇଥିଲେ । ପରିବାରବର୍ଗ ନୃସିଂହଙ୍କ ଦେହାନ୍ତ ପରେ ଚକ୍ଷୁ, କିଡ଼ନୀ ଏବଂ ହୃତପିଣ୍ଡ ଆଦି ଦାନ କରି ତାଙ୍କ ଶେଷ ଇଚ୍ଛାକୁ ସମ୍ମାନ ଜଣାଇଛନ୍ତି । ପରଲୋକଗତ ନୃସିଂହଙ୍କ ମହନୀୟତା ଏବଂ ତାଙ୍କ ପରିବାରବର୍ଗଙ୍କ ଏହି ତ୍ୟାଗ ଅଙ୍ଗଦାନ କ୍ଷେତ୍ରରେ ସ୍ମରଣୀୟ ହୋଇ ରହିବ । ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦଗତି ସହ ପରିବାର ଲୋକଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

## ଶ୍ରମିକନେତା ଓ ଯୁବ ସମାଜସେବୀ ବିକାଶ ଦାସଙ୍କ ବିୟୋଗରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୧୦/୩ (ନି.ପ୍ର): ବାଲେଶ୍ୱର ଗାନ୍ଧି ଶାନ୍ତି ପ୍ରତିଷ୍ଠାନ କେନ୍ଦ୍ର ତରଫରୁ ଯୁବ ସମାଜସେବୀ, ଶ୍ରମିକନେତା ତଥା ଗାନ୍ଧୀବାଦୀ ଆଦର୍ଶରେ ଅନୁପ୍ରାଣିତ ଥିବା ବିକାଶ କୁମାର ଦାସଙ୍କ ଅକାଳ ବିୟୋଗରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଆବାହକ ଏମ୍.ଡି. ଇସ୍‌ଲାମଙ୍କ ଆବାହନ କ୍ରମେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ଅର୍ଚ୍ଚନା ନନ୍ଦୀ । ସର୍ବପ୍ରଥମେ ଦିବଂଗତ ବିକାଶ କୁମାର ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଳା ଦିଆଯାଇ ଅମର ଆତ୍ମାର ଶାନ୍ତି ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ବିକାଶ ଦାସ ଜଣେ ସ୍ୱଚ୍ଛ, ନିର୍ମଳ, ଗାନ୍ଧୀବାଦୀ ଶ୍ରମିକନେତା ଓ ନିଃସ୍ୱାର୍ଥପର ସମାଜସେବୀ ଥିଲେ ବୋଲି ମତ ପ୍ରକାଶ ପାଇଥିଲା । ତାଙ୍କ ଅକାଳ ବିୟୋଗରେ



ବାଲେଶ୍ୱର ଜଣେ ମହାନ ବ୍ୟକ୍ତିତ୍ୱକୁ ହରାଇଅଛି ଏବଂ ସେ ଜଣେ ଯୁବ ଗାନ୍ଧୀବାଦୀ ବୋଲି ବକ୍ତବ୍ୟ ରଖାଯାଇଥିଲା । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଶ୍ରୀମତୀ ପ୍ରତିମା ପଣ୍ଡା ଭାବବିହ୍ୱଳ ହୋଇ କହିଥିଲେ କି "ହେ ଭଗବାନ, ଏପରି ଭଲ ମଣିଷକୁ ଆପଣ ଫେରାଇ ଦିଅ । ସେ ତା'ର ପରିବାରରେ ରହୁ ଓ ସମାଜର ମଙ୍ଗଳ କାମ ପାଇଁ ଲିପ୍ତ ରହୁ ।" ଏହି ସଭାରେ ସୁଶାନ୍ତ କୁମାର ମହାନ୍ତି, ବବିତା ରାଣୀ ଦାସ, ସକିଲା ବାନୋ, ବରିଷ୍ଠ ଆଇନଜୀବୀ ଦୀପକ କୁମାର ଦାସ, ସେକ୍ ନାଜିର, ଜିତେନ୍ଦ୍ର କୁମାର ଉପାଧ୍ୟାୟ, ନିରଞ୍ଜନ ପରିଡ଼ା, ବିଷ୍ଣୁ କୁମାର ମହାନ୍ତି, ଏଚ୍.ସି. ମହାନ୍ତି ପ୍ରମୁଖ ସମାଜସେବୀ ନିଜନିଜର ବକ୍ତବ୍ୟ ରଖିଥିଲେ । ସର୍ବଶେଷରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ପୂର୍ବତନ ବିଧାୟକ ସ୍ୱର୍ଗତ ଅନନ୍ତ ଦାସଙ୍କ ପାଇଁ ମଧ ନିରବ ପ୍ରାର୍ଥନା କରାଇଥିଲା ଓ ତାଙ୍କ ଅମର ଆତ୍ମାର ଶାନ୍ତି ପାଇଁ କାମନା କରାଯାଇଥିଲା । ଆଜି ସକାଳ ୯ ଘଟିକା ସମୟରେ ବାଲେଶ୍ୱର ଗାନ୍ଧି ଶାନ୍ତି ପ୍ରତିଷ୍ଠାନ କେନ୍ଦ୍ର ତରଫରୁ ଯୁବ ସମାଜସେବୀ, ଶ୍ରମିକନେତା ତଥା ଗାନ୍ଧୀବାଦୀ ଆଦର୍ଶରେ ଅନୁପ୍ରାଣିତ ଥିବା ବିକାଶ କୁମାର ଦାସଙ୍କ ଅକାଳ ବିୟୋଗରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଆବାହକ ଏମ୍.ଡି. ଇସ୍‌ଲାମଙ୍କ ଆବାହନ କ୍ରମେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ଅର୍ଚ୍ଚନା ନନ୍ଦୀ । ସର୍ବପ୍ରଥମେ ଦିବଂଗତ ବିକାଶ କୁମାର ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଳା ଦିଆଯାଇ ଅମର ଆତ୍ମାର ଶାନ୍ତି ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ବିକାଶ ଦାସ ଜଣେ ସ୍ୱଚ୍ଛ, ନିର୍ମଳ, ଗାନ୍ଧୀବାଦୀ ଶ୍ରମିକନେତା ଓ ନିଃସ୍ୱାର୍ଥପର ସମାଜସେବୀ ଥିଲେ ବୋଲି ମତ ପ୍ରକାଶ ପାଇଥିଲା । ତାଙ୍କ ଅକାଳ ବିୟୋଗରେ ବାଲେଶ୍ୱର ଜଣେ ମହାନ ବ୍ୟକ୍ତିତ୍ୱକୁ ହରାଇଅଛି ଏବଂ ସେ ଜଣେ ଯୁବ ଗାନ୍ଧୀବାଦୀ ବୋଲି ବକ୍ତବ୍ୟ ରଖାଯାଇଥିଲା ।

## ବସ୍ତାରେ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର: ଆପତ୍ତି ବେଶୀ

ବସ୍ତା,୧୦।୩(ନିପ୍ର):ବାଲେଶ୍ୱର ଜିଲ୍ଲାପାଳ ଓ ଏସପି ଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବସ୍ତା ବ୍ଲକ ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଥିଲା ।ଏଥିରେ ୭୨ ଅଭିଯୋଗ ଦାଖଲ ହୋଇଥିଲା । ବିଶେଷ କରି ପତ୍ରଝଡ଼ା ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତର ପାନୀୟ ଜଳ ସମସ୍ୟା ଉତ୍କଟ ଆକାର ଧାରଣ କରିଥିବାରୁ ବହୁ ଲୋକ ଏଥିପାଇଁ ଆପତ୍ତି ଜଣାଇଥିଲେ । ଆବଶ୍ୟକ ପଡିଲେ ବ୍ଲକ୍ ଆଗରେ ଗଣଧାରଣା ଦେବେ ବୋଲି କହିଛନ୍ତି ।ବସ୍ତାର ବିଭିନ୍ନ ଅଞ୍ଚଳ ରେ ସରକାରୀ ଜାଗା ଜମି ବ୍ୟକ୍ତି ବିଶେଷଙ୍କ ଜବର ଦଖଲରେ ଥିବା ନେଇ ଅଭିଯୋଗ ହୋଇଥିଲା । ବ୍ଲକ୍ ମହକୁମା ରେ କଲେଜ ନ ଥିବାରୁ ଶମ୍ଭୁନାଥ ହାଇସ୍କୁଲ ରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି କଲେଜ ଖୋଲିବା ଓ ବିଭିନ୍ନ ଏକ୍ସପ୍ରେସ ଟ୍ରେନ ବସ୍ତା ରେ ରହଣି,ବସ୍ତା ଦକ୍ଷିଣ କେବିନ ନିକଟରେ ଉଡନ୍ତା ପୋଲ ନିର୍ମାଣ ପାଇଁ ଜେଏମଏମ ପକ୍ଷ ରୁ ଦାବି କରାଯାଇଥିଲା ।ବାଲି ଓ ମାଟି ଚୋରା ଚାଲାଣ ରୋକିବା ପାଇଁ କଡ଼ା କଡି



ପଦକ୍ଷେପ ନିଆଯିବା ପାଇଁ ଦାବି ହୋଇଥିଲା ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ଯୁଗ୍ମ ଜନ ଶୁଣାଣି ଶିବିର ଆୟୋଜନ ସମ୍ପର୍କରେ ଜନସାଧାରଣ ଠିକ୍ ଭାବେ ଅବଗତ ହୋଇନଥିବା ଯୋଗୁଁ ମାତ୍ର ବାସ୍ତରି ଅଭିଯୋଗ ହୋଇଥିବା ଉଲ୍ଲେଖନୀୟ । ତନ୍ମଧ୍ୟରୁ ୨୧ ଟି ଭତ୍ତା ସଂକ୍ରାନ୍ତୀୟ ଓ ଅବଶିଷ୍ଟ ଆବାସ,ଗୋଷ୍ଠୀ ଏବଂ ସାର୍ବଜନୀନ ଅଭିଯୋଗ ହୋଇଥିଲା । ବିଶେଷ ଭାବେ ପ୍ରତି ପଞ୍ଚାୟତରେ ଏହି ଶିବିର ସମ୍ପର୍କରେ ମାଇକ ଯୋଗେ ପ୍ରଚାର ହେବା ଆବଶ୍ୟକ ବୋଲି ଦୃଢ଼ ମତ ପ୍ରକାଶ ପାଇଛି । ଏତଦବ୍ୟତୀତ କୌଣସି ଅଭିଯୋଗର ପରବର୍ତ୍ତୀ ସମୟରେ ସମାଧାନ ହେଉ ନଥିବାରୁ ଏହି କାର୍ଯ୍ୟକ୍ରମ ଏକ ପ୍ରକାର ପ୍ରହସନ ରେ ପରିଣତ ହୋଇଛି ବୋଲି ଜନ ସାଧାରଣରେ ମତ ପ୍ରକାଶ ପାଇଛି।ଏହି ଶିବିରରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,ଏସପି ରାଜ ପ୍ରସାଦ, ସିଡିଏମଓ ଗୋପୀନାଥ ପରିଡ଼ା, ଅତିରିକ୍ତ ଏସପି ଦେବଜ୍ୟୋତି ଦାସ,ଏସଡି ପିଓ ମାନସ ଦେଓ,ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ, ବିଶ୍ୱ ରଂଜନ ନାୟକ,ତହସିଲଦାର ରାଧା ରଞ୍ଜନ ଦାଶ ଯୋଗ ଦେଇଥିବା ବେଳେ ଜିଲା ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ସହଯୋଗ ।

## ବାବା ନିଖିରେଶ୍ୱରଙ୍କ ପ୍ରସିଦ୍ଧ ଚଡକ ମେଳା ପ୍ରଥମ ପ୍ରସ୍ତୁତି ବୈଠକ

ବାଲିଆପାଳ, ୧୦/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକର ସର୍ବପୁରାତନ ନିଖିରା ଗ୍ରାମରେ ଅବସ୍ଥିତ ପାତାଳଫୁଟ ବାବା ନିଖିରେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚଡକ ମେଳା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଶନିବାର ଅପରାହ୍ନରେ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଚଡକ ମେଳା କମିଟିର ସଭାପତି ଲକ୍ଷ୍ମଣ କୁମାର ଦଳାଇ ଏଥିରେ ସଭାପତିତ୍ୱ କରିଥିଲେ । ବୈଠକରେ ଚଳିତ ବର୍ଷ ଚଡକ ମେଳା ଆୟୋଜନ ନେଇ ଆଲୋଚନା କରାଯାଇଥିଲା । ଏପ୍ରିଲ ୧ ତାରିଖ ଠାରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚଡକ ମେଳା ଅନୁଷ୍ଠିତ ହେବ । ୮ ତାରିଖ ମଙ୍ଗଳବାର କାମିନୀ ଘଟ



ଉତ୍ତୋଳନ, ୯ ତାରିଖ ବୁଧବାର ପଞ୍ଚମ ଅର୍ଘ୍ୟ ଓ କାମିନୀ ବିବାହ ଉତ୍ସବ ,୧୨ ତାରିଖ ମହା ନୀଳ ପର୍ବ ଏବଂ ୧୩ ତାରିଖ ପ୍ରସିଦ୍ଧ ପାଟ ପର୍ବ ଅନୁଷ୍ଠିତ ହେବ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ନେଇ କମିଟି ପକ୍ଷରୁ ନିଷ୍ପତି ନିଆଯାଇଥିଲା । ପ୍ରଶାସନର ସହଯୋଗରେ ପଇତା ଧାରଣ କରିବାକୁ ଦୂର ଦୂରାନ୍ତରୁ ଆସିବାକୁ ଥିବା ମାନସିକଧାରୀ ଭକ୍ତଙ୍କ ଭିଡ଼କୁ ଲକ୍ଷ୍ୟ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା । ବୈଠକରେ ୧୩ ମୌଜାର ଗ୍ରାମବାସୀମାନେ ଏବଂ ଚଡକ ମେଳା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ ମାନସ ଦତ୍ତ

ବାଲେଶ୍ୱର, ୧୦/୩ (ନି.ପ୍ର): ବାଂଲାଦେଶୀଙ୍କ ବେଆଇନ ଅନୁପ୍ରବେଶ ସମଗ୍ର ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ବିଭିନ୍ନ ପ୍ରଦେଶରୁ ସେମାନଙ୍କୁ ଚିହ୍ନଟ ସହ ଦେଶାନ୍ତର କରିବା ନେଇ ଉଦ୍ୟମ ଆରମ୍ଭ ହୋଇଛି । ଏ କ୍ଷେତ୍ରରେ ଓଡିଶାରେ ଅଦ୍ୟାବଧି କେଉଁ ଜିଲ୍ଲାରେ କେତେ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଛନ୍ତି ସେ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ । ବାଂଲାଦେଶୀ ଚିହ୍ନଟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ପ୍ରକ୍ରିୟା ବାବଦରେ ସେ ଜାଣିବାକୁ ଚାହିଁଥିଲେ । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା କେତେ ଜଣ ବାଂଲାଦେଶୀଙ୍କ ନାମରେ ମାମଲା ଚାଲିଛି ବିଧାୟକ ଶ୍ରୀ ଦତ୍ତ ପଚାରିଥିଲେ । ତେବେ ବାଲେଶ୍ୱର ସହର ଓ ଉପକଣ୍ଠ ଅଞ୍ଚଳରେ ସଂଖ୍ୟାଧିକ ବାଂଲାଦେଶୀ ନାଗରିକ ଜାଲ କାଗଜପତ୍ର ମାଧ୍ୟମରେ ବେଆଇନ ଭାବେ ବସବାସ କରୁଥିବା ସହିତ ଅନେକ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିବାର ନଜିର ରହିଛି । ଏ ଦିଗରେ ଉପଯୁକ୍ତ ତଦନ୍ତ ଦ୍ୱାରା ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ ସହ ସେମାନଙ୍କୁ ତାଙ୍କ ଦେଶକୁ ଫେରାଇଦେବା ନେଇ ସରକାର କୌଣସି ପଦକ୍ଷେପ ଗ୍ରହଣ କରିବେ କି? ବୋଲି ବିଧାୟକ ଶ୍ରୀ ଦତ୍ତ ପ୍ରଶ୍ନ କରିଥିଲେ । ଗୃହ ବିଭାଗ ଦାୟିତ୍ୱ ରଖିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରଶ୍ନର ଉତ୍ତରରେ କହିଥିଲେ ଯେ, ପୂର୍ବ ଚିହ୍ନଟ ପ୍ରକ୍ରିୟା ତଥ୍ୟ ଅନୁସାରେ ରାଜ୍ୟରେ ମୋଟ ୩୭୩୮ ଜଣ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ରହିଛନ୍ତି । ସେମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲାରେ ୧୯୯ ଜଣ, କେନ୍ଦ୍ରାପଡ଼ାରେ ୧୬୪୯, ଭୁବନେଶ୍ୱରରେ ୧୭, ଜଗତସିଂପୁରରେ ୧୧୧୨, ମାଲକାନାଗିରିରେ ୬୫୫ ଓ ନବରଙ୍ଗପୁରରେ ୧୦୬ ଜଣ ବସବାସ କରୁଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ୪୧ ଜଣ ବଙ୍ଗଳାଦେଶୀ ନାଗରିକଙ୍କ ନାମରେ ବିଭିନ୍ନ ଅପରାଧିକ ମାମଲା ରହିଛି । ବାଲେଶ୍ୱର ଜିଲ୍ଲାର କୌଣସି ତହସିଲ ଅଧୀନରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିବା ଦୃଷ୍ଟିକୁ ଆସିନାହିଁ । ତେବେ ଜିଲ୍ଲାରେ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ୫ ଜଣ ବଙ୍ଗଳାଦେଶୀ ନାଗରିକଙ୍କ ବିରୋଧରେ ମାମଲା ଅଦାଲତରେ ବିଚାରାଧିନ ରହିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ସମସ୍ତ ତହସିଲ ଓ ବ୍ଲକରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଏବଂ ପୋଲିସ କର୍ମଚାରୀଙ୍କୁ ନେଇ କମିଟି ଗଠନ ମାଧ୍ୟମରେ ବେଆଇନ ଭାବେ ବସବାସ କରୁଥିବା ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ବେଆଇନ ଅନୁପ୍ରବେଶକାରୀଙ୍କୁ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି ।

## ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇବା 'ଶୋଭା'ର ମୁଖ୍ୟ କାମ : ରଂଜନ କୁମାର ମିଶ୍ର

ଉଦଳା , ୧୦/୩ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଶୋଭା' ତରଫରୁ ଚଳିତ ବର୍ଷ ଅନ୍ତର୍ଜାତିୟ ମହିଳା ଦିବସ ପାଳନ ଅବସରରେ ଉଦଳା ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଠାରେ ୨ ଦିନ ଧରି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । 'ଶୋଭା'ର ସଂପାଦକ ରଂଜନ କୁମାର ମିଶ୍ର ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ଆମ ସଂଗଠନ ସବୁ ପ୍ରକାର ଉଦ୍ୟମ ଜାରି ରଖିଛି ବୋଲି କହିଛନ୍ତି । ଉକ୍ତ




ଉତ୍ସବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ ଉଦ୍ ?ଘାଟନ କରିବା ସହ ମହିଳା ମାନଙ୍କୁ ସାହସି ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନାବାର୍ଡ଼ର ଡ଼ିଡ଼ିଏମ୍ ସ୍ମାରକ ମହାନ୍ତି, କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼.ଝୁନିଲତା, ରିଲାଏନ୍ସ ଫାଉଣ୍ଡେସନର ମମତା, ଆଇସିଡ଼ିଏସ ସୁପରଭାଇଜର ରାଇମଣି ମୁର୍ମୁ, ବନବିଭାଗର ମାଳତୀ ମୁର୍ମୁ, ଆଇନଜୀବି ସସ୍ମିତା ଦାସ, ସାମାଜିକ କର୍ମି ସୁବ୍ରତ କୁମାର ମହାନ୍ତି ଓ ହାଇଫର ଇଂଟରନେସନାଲର ସଦସ୍ୟ ବୃନ୍ଦ ଉଦ୍ ?ଯାପନ ଉତ୍ସବରେ ମଂଚାସିନ ଅତିଥି ଭାବରେ ଯୋଗଦେଇ ଆଜିର ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ଶୋଭା ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଶିବିର ଉଦ୍ଘାଟିତ

ଜଳେଶ୍ୱର, ୧୦/୩ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ଅଧିନସ୍ଥ ଜଗନ୍ନାଥ ଡ଼ିଗ୍ରୀ ମହାବିଦ୍ୟାଳୟରେ ଆଜି ଅପରାହ୍ନ ୪ ଘଟିକା ସମୟରେ ଶୀତ କାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଶିବିର ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସରୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉଦ୍ଘାଟକ ତଥା ମୁଖ୍ୟ ବକ୍ତା ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ




ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ନିଜକୁ ସଜାଡ଼ି ପାରିଲେ ସମାଜ ଆପେ ଆପେ ସଜାଡ଼ି ହୋଇଯିବ ।ଯୁବକ ମାନେ ଏହାକୁ ଦିବ୍ର ଗତିରେ ଆଗେଇ ପରିଲେ ସମାଜର ସ୍ଥିତି ବଦଳି ଯିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ ।ସିବାହିଁ ପରମ ଧର୍ମ ।ନିଜର ବ୍ୟକ୍ତିତ୍ୱ ବିକାସ ପାଇଁ ଏହା ଏକ ସୁଯୋଗ ।ନିଜକୁ ଜଣେ ଭଲ ମଣିଷ କରି ଘଢି ତୋଲିବାର ଏହା ଏକ ମାଧମ ବୋଲି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରାକ୍ତନ ଅଧାପକ ସତ୍ୟମୟ ଆଚାର୍ଯ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରୋଗ୍ରାମ ଅଫିସର ଅଧାପକ ଅଶୋକ କୁମାର ରଥ ସାତ ଦିନର କାର୍ଯକ୍ରମ ସଂମ୍ପର୍କରେ ସୁଚନା ପ୍ରଦାନ କରିଥିଲେ । ଶେଷରେ ଛାତ୍ରି ମାମା ରାଣୀ ଘୋଷ ଧନ୍ୟବାଦ୍ ଅର୍ପଣ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida